Weekly Multilingual


# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା: ୩୯, ଭୁବନେଶ୍ୱର, ଅଗଷ୍ଟ ୧୨-୧୮, ୨୦୨୪, Vol: 1, Issue: 39, Bhubaneswar, August 12-18, 2024

# ରାଜଧାନୀରେ ଖୋଲିଲା ୨୪ ଘଣ୍ଟିଆ ଶସ୍ୟ ଏଟିଏମ୍



ଭୁବନେଶ୍ୱର, : ସାଧାରଣତଃ ଏଟିଏମ୍‌ରୁ ଟଙ୍କା ବାହାରୁଥିବା କଥା ସମସ୍ତେ ଜାଣିଛନ୍ତି। ମାତ୍ର ଏଣିକି ଏଟିଏମରୁ ଖାଦ୍ୟଶସ୍ୟ ବାହାରିବ। ଏହି କ୍ରମରେ ରାଜଧାନୀ ଭୁବନେଶ୍ୱରର ମଞ୍ଚେଶ୍ୱରରେ ଏକ 'ଶସ୍ୟ ଏଟିଏମ୍' ସ୍ଥାପନ କରାଯାଇଛି । ଏହି ଏଟିଏମରେ ୨୪ ଘଣ୍ଟିଆ ଚାଉଳ / ଗହମ ଉପଲବ୍ଧ ହେବ । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ଏଟିଏମ୍‌କୁ ଉଦ୍‌ଘାଟନ କରିଛନ୍ତି । ଯଦି ଏହି ଏଟିଏମ୍ ସଫଳତାର ସହ କାର୍ଯ୍ୟ କରେ ତେବେ ଆଗାମୀ ଦିନରେ ସବୁ ଜିଲ୍ଲା ଆଉ ବ୍ଲକରେ ଏହା ଖୋଲାଯିବ। ତେବେ ଏହି ସୁବିଧା ପାଇବାକୁ ହେଲେ ଜଣେ ହିତାଧିକାରୀଙ୍କୁ ପ୍ରଥମେ ମେସିନରେ ବାୟୋମେଟ୍ରିକ, ରାସନ କାର୍ଡ, ଆଧାର କାର୍ଡର ସୂଚନା ଦେବାକୁ ପଡ଼ିବ । ଲୋକମାନେ ଟିପ୍ ଚିହ୍ନ ଦେଇ ବାୟୋମେଟ୍ରିକ ଯାଞ୍ଚ କରିବା ପରେ ଏଟିଏମ୍‌ରୁ ଟଙ୍କା ଭଳି ଚାଉଳ ବାହାର କରିପାରିବେ । ଏହି ମେସିନକୁ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ସ୍ଥାପନ ଯାଇଥିବା ଜଣାପଡ଼ିଛି । ଏହି ଏଟିଏମ୍ ବସିବା ଫଳରେ ରାସନକାର୍ଡଧାରୀମାନେ ଆଉ କଣ୍ଟ୍ରୋଲ ଦୋକାନ ଆଗରେ ଲମ୍ବା ଲାଇନ ଲଗାଇ ଛିଡ଼ା ହେବେ ନାହିଁ । ଏହି ଏଟିଏମ୍‌ରୁ ଜଣେ ହିତାଧିକାରୀ ପାଇଁ ତାଙ୍କ ରାସନ କାର୍ଡରେ ଧାର୍ଯ୍ୟ କରାଯାଇଥିବା କିଲୋଗ୍ରାମ୍ ଚାଉଳ ବାହାରିବାର ବ୍ୟବସ୍ଥା କରାଯାଇଛି। ସବୁ ଜିଲ୍ଲାର ଯେକୌଣସି ହିତାଧିକାରୀ ଏହି ଏଟିଏମ୍ ?ରୁ ଚାଉଳ ଅବା ଗହମ ନେଇପାରିବେ । ଏହାଦ୍ୱାରା ରାଜ୍ୟରେ ଶସ୍ୟ ଚୋରି, ଦଲାଲି ଆଦି ବେଆଇନ୍ କାର୍ଯ୍ୟ ବନ୍ଦ ହୋଇପାରିବ ବୋଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏଣିକି ହିତାଧିକାରୀମାନେ ଆଉ କଣ୍ଟ୍ରୋଲ ଡିଲରଙ୍କ ପାଖକୁ ଯିବାର ଆବଶ୍ୟକତା ରହିବ ନାହିଁ । ହିତାଧିକାରୀମାନେ ଶସ୍ୟ ଏଟିଏମ୍‌ରୁ ଚାଉଳ, ଗହମ ନେଇ ପାରିବେ। ପ୍ରାଥମିକ ପର୍ଯ୍ୟାୟରେ ରାଜଧାନୀ ଭୁବନେଶ୍ୱରର ମଞ୍ଚେଶ୍ୱରରେ ରାଜ୍ୟର ପ୍ରଥମ 'ଗ୍ରେନ ଏଟିଏମ୍' ପ୍ରତିଷ୍ଠା ହେବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ । ଏନେଇ ଗତବର୍ଷ ଡିସେମ୍ବର ମାସରେ ସୂଚନା ଦିଆଯାଇଥିଲା। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫପି) ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମିଳିତ ସହଯୋଗରେ ଏହି ଏଟିଏମ୍ ସ୍ଥାପନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା । ସୂଚନାଯୋଗ୍ୟ, ଦେଶରେ ପ୍ରଥମେ ହରିୟାଣାରେ ଏହି ସେବା ଆରମ୍ଭ ହୋଇଥିଲା।

# ଆଇଏଏସ ସ୍ତରରେ ବଡଧରଣର ଅଦଳବଦଳ




ଭୁବନେଶ୍ୱର : ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ। ବଦଳିଛନ୍ତି ବହୁ ଜିଲ୍ଲାର ଜିଲ୍ଲାପାଳ। ବୁଧବାର ବିଳମ୍ବିତ ରାତ୍ରିରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜୟ କୁମାର ଉପାଧ୍ୟାୟ ହୋଇଛନ୍ତି ନିର୍ଦ୍ଦେଶକ ଭାଷା ସଂସ୍କୃତି ବିଭାଗ। ଆଶିଷ ଠାକରେ ହୋଇଛନ୍ତି ସଚିବ, ରାଜସ୍ୱ ପର୍ଷଦ। ଦିଲ୍ଲୀପ ରାଉତରାୟ ହୋଇଛନ୍ତି ଭଦ୍ରକ ଜିଲ୍ଲାପାଳ। କମଳ ଲୋଚନ ମିଶ୍ରଙ୍କୁ ଓସଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କରଯାଇଥିବାବେଳେ ନିଖିଳ ପଓ୍ୱନ କଲ୍ୟାଣ ହୋଇଛନ୍ତି ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ। ସେହିପରି ବିଜୟ କୁମାର ଦାସ – ଗଜପତି ଜିଲ୍ଲାପାଳ ହୋଇଥିବାବେଳେ ସ୍ମୃତି ରଞ୍ଜନ ପ୍ରଧାନ ହୋଇଛନ୍ତି କେନ୍ଦ୍ରାପଡା ଜିଲ୍ଲାପାଳ। ସୁଧା ଦେବ ସିଂ ହୋଇଛନ୍ତି ଅତିରିକ୍ତ ଶାସନ ସଚିବ, ପଂଚାୟତିରାଜ। ପାରୁଲ ପାଟଓ୍ୱାରୀ ହୋଇଛନ୍ତି ଜିଲ୍ଲାପାଳ, ରାୟଗଡା। ଅମ୍ବିତ ଋତୁରାଜଙ୍କୁ କନ୍ଧମାଳ ଜିଲ୍ଲାପାଳ କରାଯାଇଛି। ଶୀଧେଶ୍ୱର ବଳିରାମ ବନ୍ଦର ସମ୍ବଲପୁର ଜିଲ୍ଲାପାଳ ହୋଇଥିବାବେଳେ ଦତ୍ତଓତ୍ରେୟ ସିନ୍ଧେ ହୋଇଛନ୍ତି କଟକ ଜିଲ୍ଲାପାଳ। ହେମକାନ୍ତ ସା। ମୟୁରଭଞ୍ଜ ଜିଲ୍ଲାପାଳ ହୋଇଥିବାବେଳେ ବି. ଅନିମେଷ ରେଡ୍ଡୀ ହୋଇଛନ୍ତି ଯାଜପୁର ଜିଲ୍ଲାପାଳ। ଆଶିଷ ପାଟିଲ ମାଲକାନଗିରି ଜିଲ୍ଲାପାଳ ହୋଇଥିବାବେଳେ ଢେଙ୍କାନାଳ ଜିଲ୍ଲାପାଳ ହୋଇଛନ୍ତି ସମେଷ କୁମାର ଉପାଧ୍ୟାୟ। ଶୁଭଙ୍କର ମହାପାତ୍ର ହୋଇଛନ୍ତି ନବରଙ୍ଗପୁର ଜିଲ୍ଲାପାଳ। ସୂର୍ଯ୍ୟବଂଶୀ ମୟୁରବିକାଶ ହୋଇଛନ୍ତି ବାଲେଶ୍ୱର ଜିଲ୍ଲାପାଳ। ଜେ ସୋନାଲ ଜଗତସିଂହପୁର ଜିଲ୍ଲାପାଳ ହୋଇଥିବାବେଳେ ପାଓ୍ୱାର ସଚିନ ପ୍ରକାଶ କଳାହାଣ୍ଡି ଜିଲ୍ଲାପାଳ ହୋଇଛନ୍ତି। ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲ ନୟାଗଡ ଜିଲ୍ଲାପାଳ ହୋଇଥିବାବେଳେ ସୁନ୍ଦରଗଡ଼ ଜିଲ୍ଲାପାଳ ହୋଇଛନ୍ତି ମନୋଜ ସତ୍ୟବାନ ମହାଜନ। କବିନ୍ଦ୍ର କୁମାର ସାହୁ ଦେବଗଡ଼ ଜିଲ୍ଲାପାଳ, ମଧୁସୂଦନ ଦାସ ନୂଆପଡା ଜିଲ୍ଲାପାଳ, ସୁବ୍ରତ କୁମାର ପଣ୍ଡା, ବୌଦ୍ଧ ଜିଲ୍ଲାପାଳ ହୋଇଛନ୍ତି।

# କୁଟୁମ୍ବ ଯୋଜନାରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଭତ୍ତା ଦିଆଯିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, : କ୍ରାନ୍ତି ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, କୁଟୁମ୍ବ ଯୋଜନାରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଭତ୍ତା ଦିଆଯିବ। ଏନେଇ ଖୁବ୍ ଶୀଘ୍ର ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଚିହ୍ନଟ କରାଯିବ।ଏହି ଘୋଷଣାକୁ ନେଇ ବିଭିନ୍ନ ମହଲରେ ଖୁସି ପ୍ରକଟ ହୋଇଛି। ଏହାକୁ ମଧ୍ୟ ସ୍ୱାଗତ କରାଯାଇଛି। ଏହାଦ୍ୱାରା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଦିଆଯିବ ବୋଲି ମତ ପ୍ରକାଶ ପାଇଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ଘୋଷଣାକୁ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି।



## ସଂ ପା ଦ କୀ ୟ

# ମଣିଷର ଅପରିଣାମଦର୍ଶୀ କାର୍ଯ୍ୟକଳାପ

କେରଳର ୱାୟନାଡ଼ରେ ଘଟିଥିବା ଲୋମହର୍ଷଣକାରୀ ଭୂସ୍ଖଳନ ବିଭୀଷିକାର ହାହାକାର ଜାରି ରହିଥିବା ବେଳେ ଉତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷାଜନିତ ଭୂସ୍ଖଳନରେ ମୃତାହତ ସଂଖ୍ୟା ବଢ଼ିବାରେ ଲାଗିଛି । ସଡ଼କ ପଥ ଧୋଇ ହୋଇଯାଇ ଅନେକ ଅଂଚଳ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଯାଇଛି । ୱାୟନାଡ଼, ଉତରାଖଣ୍ଡ, ହିମାଚଳପ୍ରଦେଶ ସମେତ ପଶ୍ଚିମ ଘାଟ ଓ ହିମାଳୟ ପାର୍ବତ୍ୟାଂଚଳର କ୍ଷଣଭଙ୍ଗୁର, ଅସ୍ଥିର ଓ ଅପେକ୍ଷାକୃତ ତରୁଣ ଚଟାଣରେ ଭୂସ୍ଖଳନ ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇପାରେ । କିନ୍ତୁ ଏହା ଯେପରି ଧନଜୀବନ ବିଧ୍ୱଂସକାରୀ ରୂପ ନେଉଛି ସେଥିପାଇଁ ଭୌଗୋଳିକ ଅବସ୍ଥିତି ଓ ପ୍ରାକୃତିକ ସ୍ଥିତି ଅପେକ୍ଷା ମଣିଷର ଅପରିଣାମଦର୍ଶୀ କାର୍ଯ୍ୟକଳାପ ହିଁ ଦାୟୀ । ଅର୍ଥନୈତିକ ବିକାଶ ଆଜିର ଆବଶ୍ୟକତା ଏହା ଅନସ୍ୱୀକାର୍ଯ୍ୟ । କିନ୍ତୁ ଏଭଳି ସ୍ପର୍ଶକାତର ଅଂଚଳରେ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଅର୍ଥନୈତିକ ବିକାଶ ମଧ୍ୟରେ ସମତୁଲତା ରକ୍ଷା ଅପରିହାର୍ଯ୍ୟ । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ବିଶେଷଜ୍ଞମାନଙ୍କୁ ନେଇ କମିଟିମାନ ଗଠନ କରାଯାଇଛି । କିନ୍ତୁ ବିଡ଼ମ୍ବନା ହେଉଛି କମିଟି ଯେଉଁସବୁ ସୁପାରିସ କରୁଛନ୍ତି ତାହା ଅନୁପାଳନ କରିବାରେ ରାଜ୍ୟ ଓ କେନ୍ଦ୍ର ସରକାର ପଛଘୁଂଚା ଦେଉଛନ୍ତି । ପ୍ରକୃତିକୁ ଅବହେଳା କରି ଅର୍ଥନୀତିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ କମିଟିର ଉପାଦେୟ ବିଚାରବନ୍ତ ଦୂରଦୃଷ୍ଟି ସମ୍ପନ୍ନ ସୁପାରିସମାନ ନିଷ୍ପ୍ରଭ ଓ ମୂଲ୍ୟହୀନ ହୋଇପଡୁଛି । ସରକାରଙ୍କର ଏହି ଉଦାସୀନତା ଓ ସମ୍ବେଦନହୀନତା ଯୋଗୁଁ କମିଟି ଗଠନ ଓ ସୁପାରିସର ଆହ୍ୱାନ ଏକ ପ୍ରହସନରେ ପରିଣତ ହେବା ସହିତ ମାନବ ସଭ୍ୟତାର ଇତିହାସରେ ବିଭୀଷିକାମୟ କଳା ଅଧ୍ୟାୟ ଲେଖି ହୋଇଯାଉଛି । ବିଶେଷକରି ପର୍ଯ୍ୟଟନ-ଅର୍ଥନୀତିର ବିକାଶ ଆଳରେ ଆମେ ଯେପରି ନିର୍ବୋଧତା ପ୍ରଦର୍ଶନ କରିଚାଲିଛୁ ତାହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡୁଛି । ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ, ତାମିଲନାଡୁର ପ୍ରାୟ ୨୪.୫ କୋଟି ଲୋକ ବସବାସ କରୁଥିବା ପଶ୍ଚିମଘାଟ ପର୍ବତମାଳା ଅଂଚଳ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପରିଚାଳକ କୁହାଯାଉଥିବା ଏହି ପର୍ବତମାଳା ହିମାଳୟ ପର୍ବତମାଳାଠାରୁ ବୟସରେ ପୁରୁଣା ହେଲେ ହେଁ ଜୈବବିବିଧତା ଓ କ୍ଷଣଭଙ୍ଗୁରତା ଦୃଷ୍ଟିରୁ ହିମାଳୟ ପର୍ବତମାଳା ସହିତ ତୁଳନୀୟ । ତେଣୁ ଭାରତୀୟ ଜଙ୍ଗଲ ଆଇନ ୧୯୨୭, ଜଙ୍ଗଲ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ଏହି ଅଂଚଳରେ ଅନେକ କଟକଣା ଜାରି କରାଯାଇଛି । ୨୦୧୦ରେ ମାଧବ ଗାଡ଼ଗିଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଯେଉଁ ରିପୋର୍ଟ ଦେଇଥିଲେ ସେଥିରେ ଏହି ଅଂଚଳକୁ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଂଚଳ ଭାବେ ଘୋଷଣା କରାଯାଇ, ଖଣି ଖନନ, ରାସାୟନିକ ସାର ଓ ପ୍ଲାଷ୍ଟିକ୍ ବ୍ୟବହାର, ଶଙ୍କର ଜାତୀୟ ବିହନ ଚାଷ, ତାପଜ ବିଦ୍ୟୁତ କେନ୍ଦ୍ର, ବୃହତ୍ ଡ୍ୟାମ ନିର୍ମାଣ, ସଡ଼କ ଓ ରେଳ ପ୍ରକଳ୍ପ, ଶୈଳ ନିବାସ, ସ୍ୱତନ୍ତ୍ର ଅର୍ଥନୈତିକ କରିଡର, ଜମିର କିଷମ ପରିବର୍ତନ ଆଦିକୁ ଦୃଢ଼ ଭାବେ ବାରଣ କରାଯାଇଥିଲା । ଗାଡଗିଲ୍ କମିଟିର ସୁପାରିସର ବାସ୍ତବ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ୨୦୧୨ରେ ପୁଣି କସ୍ତୁରିରଙ୍ଗନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା, ଯାହାର ସୁପାରିସଗୁଡ଼ିକ ଅଳ୍ପ କିଛି କାଂଟଛାଂଟ ସହିତ ଗାଡ଼ଗିଲ୍ କମିଟି ସୁପାରିସ ଅନୁରୂପ ଥିଲା । କିନ୍ତୁ ଦୁଇଟି ଯାକ କମିଟି ସୁପାରିସକୁ ଅର୍ଥନୈତିକ ବିକାଶର ପରିପନ୍ଥୀ ବୋଲି ଛଅଟିଯାକ ରାଜ୍ୟ ପ୍ରତ୍ୟାଖ୍ୟାନ କରିଦେଲେ, ଯାହାର ପରିଣାମର କେତେକ ଝଲକ କେରଳରେ ଏବେ ଦେଖିବାକୁ ମିଳିଛି । ଏବେ କେନ୍ଦ୍ର ସରକାର ଚେତିଛନ୍ତି ଏବଂ ପ୍ରାୟ ୫୭ ବର୍ଗ କିମି ଅଂଚଳକୁ ପରିବେଶ ସମ୍ବେଦନଶୀଳ ଅଂଚଳ ଭାବେ ଚିହ୍ନଟ କରି ଷଷ୍ଠ ଚିଠା ବିଜ୍ଞପ୍ତି ଜାରି କରିଛନ୍ତି । ବିଶେଷଜ୍ଞଙ୍କ ସୁପାରିସ, ଚେତାବନୀ, ପରାମର୍ଶ ଆଦି ଫାଇଲ୍ ତଳେ ଗତାନୁଗତିକ ପ୍ରକ୍ରିୟାରେ ଚାପି ହୋଇ ରହିଯାଇଥିବା ପର୍ଯ୍ୟନ୍ତ ୱାଇନାଡ, ଯୋଶୀମଠ ଭଳି ଦୁର୍ଘଟଣାର ପୁନରାବୃତି ନ ହେବାର ନିଶ୍ଚିତତା ଦେଇହେବ ନାହିଁ ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ ।

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ସଂସ୍କୃତି ଓ ଇତିହାସର ସଙ୍ଗମ

ସଂଘମିତ୍ରା ଜେନା

ଶିଷ ଯେତେବେଳେ ବ୍ୟବସ୍ଥିତ ଭାବେ ବସବାସ କରିବା ଶିଖିଲା ସେବେଠାରୁ ସଭ୍ୟ ସମାଜ ଭଳି ଧାରଣା ଜନ୍ମ ନେଲା ଏବଂ ନିଜକୁ ସଭ୍ୟ ଭାବେ ପରିଗଣିତ କରିବାର ଧାରା ଆରମ୍ଭ କଲା । ଏଥିସହିତ ମଣିଷ ନିଜକୁ, ନିଜ ଘର ଓ ବସବାସ କରୁଥିବା ଅଂଚଳକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପ୍ରକାର ପ୍ରାକୃତିକ ଓ କୃତ୍ରିମ ନିର୍ଭୟ ସ୍ଥାନ ବାଛି ନେଲା । ଧୀରେ ଧୀରେ ଏହି ସୁରକ୍ଷା ବ୍ୟବସ୍ଥାରେ ନିଜ ଧନଜୀବନ ସହିତ ଗୃହପାଳିତ ପଶୁ, ଜଳ ଓ ଖାଦ୍ୟ ଯୋଗାଣ ବ୍ୟବସ୍ଥା, ଗମନାଗମନର ସୁରକ୍ଷା ଆଦି ସାମିଲ୍ ହେଲା । ଗୁରୁତ୍ୱ ସର୍ବଦା ଦିଆଯାଇଛି । ସୁରକ୍ଷାର ଏହି ଚିନ୍ତା ଓ ଯୋଜନାରୁ ଗଡ଼ ବା ଦୁର୍ଗ ଜନ୍ମ ନେଲା । ପୂର୍ବରୁ ଏହା କଂଟାବାଡ଼, ବାଉଶଁ ବାଡ଼, ଆଦିରେ ନିର୍ମିତ ହେଉଥିବାବେଳେ ପରବର୍ତୀ ସମୟରେ ପଥର ଓ ଇଟାର ଦୃଢ଼ ପ୍ରଚାରୀ ବା କାନ୍ଥ ଆଦି ବ୍ୟବହୃତ ହେଲା । ଜନବସତି ବଢ଼ିବା ସହ ସାମାଜିକ-ଅର୍ଥନୈତିକ-ରାଜନୈତିକ ବ୍ୟବସ୍ଥାମାନ ସୃଷ୍ଟି ହେଲା ଏବଂ ଶାସକ ଓ ଶାସିତ ବର୍ଗ ଗଠନ ହେଲା । ଏହାପରେ ସୁରକ୍ଷା ଆବଶ୍ୟକତା ଆହୁରି ବ୍ୟାପକ ହେଲା ଏବଂ ଏଥିପାଇଁ ଯେଉଁ ଦୁର୍ଗୀକରଣର ଆବଶ୍ୟକତା ଥିଲା ତାହା ସ୍ଥାପତ୍ୟର ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟି ଗଲା । ମଣିଷ ଯେତେ ସଭ୍ୟ ହେଲା ଅସୁରକ୍ଷିତ ଭାବନା ତାର ସେତିକି ତୀବ୍ର ହେବାରେ ଲାଗିଲା । ତେଣୁ ଦୁର୍ଗର ବିଭିନ୍ନ ଦ୍ୱାରରେ ସଶସ୍ତ୍ର ପ୍ରହରୀ ମୁତୟନ, ଶତ୍ରୁର ଗତିବିଧି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ମିନାର ବା ୱାଚ ଟାୱାର ନିର୍ମାଣ, ସୈନ୍ୟ ଛାଉଣି, ଅସ୍ତ୍ରାଗାର ଆଦି ନିର୍ମାଣ କରାଗଲା । ଭାରତୀୟ ଇତିହାସରେ ବିଭିନ୍ନ ଶାସନ କାଳରେ ଦୁର୍ଗର ପ୍ରକାରଭେଦ, ନିର୍ମାଣ ଶୈଳୀ ଓ ସ୍ଥାପତ୍ୟରେ ପରିବର୍ତନ ଓ ଉନ୍ନତି ପରିଲକ୍ଷିତ ହୋଇଛି । ସୁଲତାନ, ମୋଗଲ ଓ ମରାଠା, ରାଜପୁତ, ଶିଖ, କାକତୀୟ, ବାହମନି, କୁତବସାହି ଓ ଆସାମର ଅହମ୍ ଶାସକମାନଙ୍କ ଶାସନ କାଳରେ ଅନେକ ଦୁର୍ଗ ଦେଶର ବିଭିନ୍ନ ପ୍ରାନ୍ତରେ ନିର୍ମିତ ହୋଇଥିଲା । ଭାରତର ଉପକୂଳବର୍ତୀ ଅଂଚଳରେ ପର୍ତୁଗୀଜ ଓ ବ୍ରିଟିଶ ଶାସନକାଳରେ ନିର୍ମିତ ଅନେକ ଦୁର୍ଗ ଦେଖିବାକୁ ମିଳେ । ଭାରତର ପ୍ରାରମ୍ଭିକ ଦୁର୍ଗ ନିର୍ମାଣ କାଳରେ ତିନି ପ୍ରକାର ମୁଖ୍ୟ ଉପାୟ ଅବଲମ୍ବନ କରାଯାଉଥିଲା । ଏଥିରେ ପ୍ରଥମେ ମାଟିର ମଜବୁତ, ଚଉଡ଼ା, ଓ ସୁଉଚ୍ଚ କାନ୍ଥ ନିର୍ମାଣ କରାଯାଇ ଏକ ଚକଡ଼ା ତିଆରି କରାଯାଇଥିଲା । ସେହି ମାଟିକାନ୍ଥର ଚତୁଃପାର୍ଶ୍ୱରେ ଗଭୀର ଖାଲ କରି ପରିଖା ବା ଗଡ଼ଖାଇ ତିଆରି ହେଉଥିଲା । ଅନେକ ସମୟରେ ସେହି ଖାଇରେ ପାଣି ନ' ରଖି ତାହାକୁ ଶୁଷ୍କ ଛାଡ଼ିଦିଆଯାଉଥିଲା । ପ୍ରାଚୀରର ସୁରକ୍ଷା ବଳୟ ମଧ୍ୟରେ ଦୁର୍ଗର ଆବାସିକ ଓ ଅନ୍ୟାନ୍ୟ ଭବନ ନିର୍ମାଣ କରାଯାଉଥିଲା । ଏହାର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ଜଗୁଆଳି ବ୍ୟବସ୍ଥା ରହୁଥିଲା । ଦ୍ୱିତୀୟ ପ୍ରକାର ଦୁର୍ଗର ଚାରିପଟେ ମାଟି ଓ ପଥର ଖଣ୍ଡର ମିଶ୍ରଣରେ ସୁଦୃଢ଼ ତଥା ସୁଉଚ୍ଚ ପ୍ରାଚୀର ନିର୍ମାଣ କରାଯାଉଥିଲା । ଏହାର ବାହ୍ୟ ଭାଗରେ ଆଉ ଏକ ମାଟିର ପ୍ରାଚୀର ଅତିରିକ୍ତ ସୁରକ୍ଷା ପାଇଁ ତିଆରି ହେଉଥିଲା । ତୃତୀୟ ପ୍ରକାର ଦୁର୍ଗ ନିର୍ମାଣରେ ମୁଖ୍ୟ ସୁରକ୍ଷା ପ୍ରାଚୀର ବାଲି ମସଲା ଦ୍ୱାରା ପଥର ଯୋଡ଼େଇ କରି ରାଜମିସ୍ତ୍ରୀଙ୍କ ସହାୟତାରେ ଦୃଢ଼ ପକ୍କା କାନ୍ଥ ନିର୍ମାଣ କରାଯାଉଥିଲା । ପ୍ରାଚୀନ କାଳରେ ଭାରତର ଅଧିକାଂଶ ଦୁର୍ଗ ଏହି ପଦ୍ଧତିରେ ନିର୍ମିତ ହୋଇଥିଲା । ଚତୁର୍ଥ ପ୍ରକାର ଦୁର୍ଗ ହେଲା ପାହାଡ଼/ପର୍ବତ ଦେଇ ଦୁର୍ଗକୁ ଲମ୍ବିଥିବା ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାନୀୟ ଭାବେ ମିଳୁଥିବା ପଥରକୁ ବ୍ୟବହାର କରି ପ୍ରାଚୀର ନିର୍ମାଣ କରିବା । ସେଥିରେ ମଝିରେ ମଝିରେ ଚେକ୍ ଗେଟ୍ ଭଳି ଅବରୋଧ ତିଆରି କରାଯାଇ ସୁରକ୍ଷା କର୍ମୀ ମୁତୟନ କରାଯାଉଥିଲା ।

ପ୍ରତ୍ନତାତ୍ତ୍ୱିକ ଖନନ ଓ ସର୍ବେକ୍ଷଣର ତଥ୍ୟ ଅନୁସାରେ ସପ୍ତମ ଶତାବ୍ଦୀ ବେଳକୁ ଭାରତୀୟ ଉପମହାଦେଶରେ ଅନେକ ଦୁର୍ଗୀକୃତି ନଗରୀ, ସହର, ଦୁର୍ଗ ଓ ସାମରିକ ସ୍ଥଳମାନ ଗଢ଼ି ଉଠିଥିଲା । ଏସବୁ ପାହାଡ଼ ପାଦଦେଶ ବା ଗଡ଼ାଣିଆ ଇଲାକାରେ ତିଆରି ହୋଇଥିଲା । ତାହାକୁ ଲୋକେ ମୁଖ୍ୟତଃ ଦୁର୍ଗ ବା ଗଡ଼ ବୋଲି କହୁଥିଲେ । ମୌର୍ଯ୍ୟ, ଗୁପ୍ତ, ପ୍ରତିହାର, ୱକଟକ, ଚୋଳ, ପାଣ୍ଡ୍ୟ ଆଦି ସାମ୍ରାଜ୍ୟର ଶାସକମାନେ ଏଭଳି ଦୁର୍ଗନଗରୀ ନିର୍ମାଣ କରିଥିଲେ । ଦଶମରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ଦୁର୍ଗ ନିର୍ମାଣ ଓ ଦୁର୍ଗୀକରଣରେ କେତେକ ପରିବର୍ତନ ଆସିଥିଲା । ଏବେ ଆମେ ଯେଉଁ ଚିତୋରଗଡ଼, ରଣଥମ୍ଭୋର, କୁମ୍ଭଲଗଡ଼, ଗଗ୍ରୋନ୍, ଅମ୍ବର, ଜୟସଲମର ଦୁର୍ଗ ଦେଖୁଛି ସେସବୁ ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳୀର ମାନ୍ୟତା ପାଇଛି । ଏହାଛଡ଼ା ଯୋଧପୁର, ଗ୍ୱାଲିୟର, ଆଟ୍ଟକ, ଆଗ୍ରା, ଦିଲ୍ଲୀ, ଲାହୋର, ଗୋଲକୋଣ୍ଡା, ବିଜାପୁର, ରାୟଗଡ଼, ସିନ୍ଧୁଦୁର୍ଗ, ବିଜୟଦୁର୍ଗ ଓ ଗିଙ୍ଗୀ ଆଦି ଦୁର୍ଗ ଭାବେ ମାନ୍ୟତା ପାଇଥିଲେ ମଧ୍ୟ ସେଥିମଧ୍ୟରୁ ଅନେକ ପାହାଡ଼ ଉପରେ ନିର୍ମିତ ହୋଇଥିଲା ଓ ସେ ସମସ୍ତ ଦୁର୍ଗୀକୃତ ହୋଇ ନ ଥିଲା । ବାସ୍ତବରେ ଭାରତୀୟ ଉପମହାଦେଶରେ ଦୁର୍ଗୀକୃତ ବସତି ସ୍ଥାପନ ସପ୍ତମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ଆରମ୍ଭ ହୋଇଥିବା ଜଣାଯାଏ । ଦୁର୍ଗ ନିର୍ମାଣରେ ସ୍ଥାନୀୟ ଭୂଗୋଳର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସାମରିକ ଦୃଷ୍ଟିରୁ ସୁରକ୍ଷିତ ସ୍ଥାନକୁ ଦୁର୍ଗ ପାଇଁ ବଛାଯାଉଥିଲା । ଏଥିରେ ଶତ୍ରୁ ଆକ୍ରମଣର ସଫଳ ମୁକାବିଲା ନିମନ୍ତେ ପ୍ରାକୃତିକ ପ୍ରତିବନ୍ଧକ ଗୁରୁତ୍ୱ ପାଉଥିଲା । ସେଥିରେ ଥିଲା ନଦୀ, ନାଳ, ପାହାଡ଼, ପର୍ବତ, ଜଙ୍ଗଲ ଇତ୍ୟାଦି । ସମଗ୍ର ଭାରତୀୟ ଉପମହାଦେଶରେ ଥିବା ଦୁର୍ଗ ଓ ଶିଙ୍ଗୀ ଆଦି ମଧ୍ୟରୁ ପ୍ରାୟ ୭୦୦୦ ଆନୁଷ୍ଠାନିକ ଭାବେ ନଥିଭୁକ୍ତ କରାଯାଇ ତାହାର ତାଲିକା ପ୍ରସ୍ତୁତ ହୋଇଛି । ଅନେକ ସହାୟକ ଦୁର୍ଗ ଓ ଛୋଟ ସାମରିକ ଦୁର୍ଗର ତାଲିକା ମଧ୍ୟ ହୋଇଛି । ସେଥିମଧ୍ୟରୁ ୧୦୬୪ ଦୁର୍ଗ ଓ ଦୁର୍ଗୀକୃତ ସ୍ଥାନ ସୁରକ୍ଷିତ ଘୋଷିତ ହେବା ସହିତ ସଂରକ୍ଷିତ ଅବସ୍ଥାରେ ଅଛି । ସାହିତ୍ୟ, ଐତିହାସିକ ତଥ୍ୟାବଳୀ, ପ୍ରତ୍ନତତ୍ତ୍ୱ, ସ୍ଥାପତ୍ୟ ଓ କଳା ଆଦିରୁ ଭାରତର ଦୁର୍ଗ ଓ ଦୁର୍ଗୀକରଣ ସମ୍ପର୍କରେ ବିଭିନ୍ନ ସୂଚନା ମିଳେ । ମାନସାର, ମୟମତମ୍, ଶିଳ୍ପରତ୍ନ, ସମରଙ୍ଗଣା ସୂତ୍ରଧର ଭଳି ଶିଳ୍ପଶାସ୍ତ୍ର ଭାରତର ବିଭିନ୍ନ ସମୟରେ ରଚିତ ହୋଇଥିଲା । ଏହା ଭାରତର ଶାସ୍ତ୍ରୀୟ ବାସ୍ତୁକଳାର ଅମୂଲ୍ୟ ଗ୍ରନ୍ଥ । ବିଭିନ୍ନ ସମୟରେ ଦେଶର ବିଭିନ୍ନ ଭୌଗୋଳିକ ଅଂଚଳର ଆବଶ୍ୟକତାକୁ ଆଖିରେ ରଖି ଏହି ବାସ୍ତୁକଳା ବିକଶିତ ହୋଇଥିଲା । ସାନ୍ଚିସ୍ତୂପର ଗଠନ ପ୍ରଣାଳୀ ଏବଂ ଅଜନ୍ତାର ଚିତ୍ରକଳା ବୌଦ୍ଧ ଯୁଗର ଦୁର୍ଗୀକରଣ ଓ ସ୍ଥାପତ୍ୟର ଏକ ନିଆରା ପରିଚୟ ବହନ କରେ । କୌଟିଲ୍ୟଙ୍କ ରଚିତ 'ଅର୍ଥଶାସ୍ତ୍ର'ରେ ମଧ୍ୟ ଛ'ପ୍ରକାର ପ୍ରମୁଖ ଦୁର୍ଗର ବର୍ଣ୍ଣନା ଅଛି । ସେଗୁଡ଼ିକ ହେଲା ଜଳଦୁର୍ଗ, ଧନବଣ ବା ମରୁଦୁର୍ଗ, ଗିରିଦୁର୍ଗ, ବନଦୁର୍ଗ, ମହୀଦୁର୍ଗ ଓ ନୃଦୁର୍ଗ । ଏହି ଛ'ପ୍ରକାର ଦୁର୍ଗ ପୁଣି ବିଭିନ୍ନ ଭାଗରେ ବିଭକ୍ତ । ଯଥା-ଜଳଦୁର୍ଗ- ଅନ୍ତର୍ଦ୍ୱୀପ ଦୁର୍ଗ (ନଦୀ ଓ ସମୁଦ୍ର ଭଳି ପ୍ରାକୃତିକ ଜଳରାଶି ଦ୍ୱାରା ପରିବେଷ୍ଟିତ), ମୁରୁଡ଼-ଜଂଜିରା ଏପ୍ରକାର ଦୁର୍ଗ । ସ୍ଥଳଦୁର୍ଗ- ସ୍ଥଳଭାଗରେ ନିର୍ମିତ ଦୁର୍ଗ, ଯାହା କୃତ୍ରିମ ଜଳାଧାର ବା ଗଡ଼ଖାଇ ଆଦି ଦ୍ୱାରା ପରିବେଷ୍ଟିତ । ରାଜସ୍ଥାନର ଡାଗରଣ୍, ଦୀପ, ଲୋହାଗଡ଼ ଓ ଶେରଗଡ଼ ଦୁର୍ଗ ଏହି ଶ୍ରେଣୀର । ସେହିଭଳି ମରୁଦୁର୍ଗର ଚତୁଃପାର୍ଶ୍ୱରେ ପାଂଚ ଯୋଜନ ବା ୩୭କି.ମି ଯାଏ ଶୁଷ୍କାଂଚଳ ରହିବା ଆବଶ୍ୟକ । ରାଜସ୍ଥାନରେ ଜୟସଲମାର, ଲେଦ୍ରୱା ଓ ଭଟରେ (ହନୁମାନଗଡ଼) ଏହି ଶ୍ରେଣୀର । ଗିରିପାର୍ଶ୍ୱ ଦୁର୍ଗ ପାହାଡ଼ର ଗଡ଼ାଣିଆ ଅଂଚଳରେ ନିର୍ମିତ ହୋଇଥାଏ । ବୁନ୍ଦିର ତାରାଗଡ଼ ଓ ଅଜମେରର ତାରାଗଡ଼ ଏହି ଶ୍ରେଣୀର ଦୁର୍ଗ । ଗିରିଦୁର୍ଗ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ । ଯଥା ପ୍ରାନ୍ତର ଦୁର୍ଗ ଓ ଗିରିପାର୍ଶ୍ୱ ଦୁର୍ଗ । ଏହା ଏକ ପାହାଡ଼ର ସମତଳ ଉପରିଭାଗ ବା ଅଧିତ୍ୟକା ଉପରେ ନିର୍ମିତ ହୋଇଥାଏ । ଚିତୋରଗଡ଼ ଓ ଗ୍ୱାଲିୟର ଦୁର୍ଗ ଏହି ଶ୍ରେଣୀର । ଏହାଛଡ଼ା ଗିରିଦୁର୍ଗରେ ଆଉ ଏକପ୍ରକାର ଦୁର୍ଗ ଦେଖାଯାଏ, ଯାହା ଗୁହଦୁର୍ଗ ନାମରେ ପରିଚିତ । ଏହା ପାହାଡ଼ ପର୍ବତ ବେଷ୍ଟିତ ଏକ ଉପତ୍ୟକା ମଧ୍ୟରେ ନିର୍ମିତ ହୋଇଥାଏ । ଦୁର୍ଗର ସୁରକ୍ଷା ପାଇଁ ଚାରିପାଖ ପାହାଡ଼ ଓ ଗିରି ନିକଟରେ ଫାଣ୍ଡି, ସୁରକ୍ଷା କେନ୍ଦ୍ର ଓ ସିଗ୍‌ନାଲ ଟାୱାର ଆଦି ରହିଥାଏ । ବନଦୁର୍ଗ ଜଙ୍ଗଲ ମଧ୍ୟରେ ନିର୍ମିତ ହୁଏ । ଘ* ଜଙ୍ଗଲ ଏହାର ଚତୁଃପାର୍ଶ୍ୱରେ ଚାରିକୋଶ ବା ୧୪.୬ କି.ମି. ଯାଏ ଥାଏ । ରଣଥୋମ୍ବର ଏହି ଧରଣର ଦୁର୍ଗ । ଏହାର ଆଉ ଦୁଇ ପ୍ରକାର ଦୁର୍ଗ ରହଛି, ଯାହା ଖଂଜାନା ଓ ସ୍ତମ୍ଭ ଦୁର୍ଗ ନାମରେ ପରିଚିତ । ଅପରପକ୍ଷରେ ସ୍ତମ୍ଭ ଦୁର୍ଗ ଉଚ୍ଚ ଗଛ ଥିବା ଜଙ୍ଗଲରେ ନିର୍ମିତ ହୁଏ ଏବଂ ସେଠାରେ ପର୍ଯ୍ୟାପ୍ତ ଜଳ ଉତ୍ସ ନ ଥାଏ । ମହୀଦୁର୍ଗ ବା ମାଟି ଦୁର୍ଗ ତିନି ପ୍ରକାରର । ସେଥିରେ ଗୋଟିଏ ମୃଦ୍-ଦୁର୍ଗ ଯାହାର ଚତୁଃପାର୍ଶ୍ୱରେ ମାଟି ପ୍ରାଚୀର ଥାଏ । ଦ୍ୱିତୀୟଟି ହେଲା ପରିଖା ଦୁର୍ଗ । ଏହାର ଚତୁଃପାର୍ଶ୍ୱରେ ଅତିକମ୍‌ରେ ୫.୪ ମିଟର ଉଚ୍ଚରେ ଓ ୨.୭ମିଟର ଚଉଡ଼ା ଇଟା, ପଥର ଓ ମାଟି ନିର୍ମିତ ପ୍ରାଚୀର ଥାଏ । ମହୀଦୁର୍ଗର ତୃତୀୟ ପ୍ରକାର ହେଲା ପଙ୍କ ଦୁର୍ଗ । ଏହା ଚାରିପାଖରେ ସନ୍ତସନ୍ତିଆ ଭୂମି ଓ ଚୋରାବାଲି ଥାଏ । ଷଷ୍ଠପ୍ରକାର ଦୁର୍ଗ, ଯାହା ନୃ-ଦୁର୍ଗ ନାମରେ ପରିଚିତ, ସରଳ ଭାଷାରେ ତାହା ମାନବ ଦୁର୍ଗ । ଏହି ଦୁର୍ଗ ସ୍ଥାୟୀ ଭାବେ ଅସ୍ତ୍ରଧାରୀ ପ୍ରହରାଦାର, ସେନିକ ଓ ଲଢୁଆ କର୍ମଚାରୀଙ୍କ ଦ୍ୱାରା ସୁରକ୍ଷିତ ହୋଇଥାଏ । ନାଗାଉର ଏହି ଧରଣର ଏକ ଦୁର୍ଗ । ଏସବୁ ଦୁର୍ଗରେ ସୁରକ୍ଷା ଦାୟିତ୍ୱରେ ସ୍ଥାୟୀଭାବେ ଅନେକ ଲୋକଙ୍କୁ ନିଯୁକ୍ତି ଦିଆଯାଏ । ଦଶମରୁ ଏକାଦଶ ଶତାବ୍ଦୀ ମଧ୍ୟରେ ଦେଶର ଅଧିକାଂଶ ରାଜବାଟୀ ଓ ରାଜ୍ୟର ସୁରକ୍ଷା ବ୍ୟବସ୍ଥାରେ ପରିବର୍ତନ ଆସିଲା । ରାଜା ଓ ଶାସନମାନେ ଦୁର୍ଗୀକୃତି ନଗର ଓ ଆବାସ ବ୍ୟବସ୍ଥା ପରିବର୍ତେ ନିଜର ଦୁର୍ଗଗୁଡ଼ିକୁ ଅଧିକ ସୁରକ୍ଷିତ କଲେ । ତା'ଛଡ଼ା ସହରର ବିଭିନ୍ନ ଛକ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଦୁର୍ଗୀକୃତ ସୁରକ୍ଷା ଚୌକମାନ ନିର୍ମାଣ କରାଯାଇ ପ୍ରହରାଦାର ଓ ଯୋଦ୍ଧାଙ୍କୁ ମୁତୟନ କରାଗଲା । ଦିଲ୍ଲୀ, ଆଗ୍ରା, ଲାହୋର, ଓର୍ଚ୍ଛା ଓ ପୁଣେ ଆଦି ସହରରେ ଏହି ବ୍ୟବସ୍ଥା କରାଯାଇଥିଲା ।

# ନଭେମ୍ବରରୁ ସାରା ରାଜ୍ୟ ଗସ୍ତ କରିବେ ନବୀନ ପଟ୍ଟନାୟକ

ଭୁବନେଶ୍ୱର, : ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ବିଜୁ ଜନତା ଦଳର ରାଜ୍ୟସ୍ତରୀୟ ସମନ୍ୱୟ କମିଟିର ସଦସ୍ୟମାନେ ଆଜି ସଂଧ୍ୟାରେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦଳୀୟ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେଯେ ଓଡ଼ିଶାବାସୀ ବିଜୁ ଜନତା ଦଳକୁ ୨୪ ବର୍ଷଧରି ନିରନ୍ତର ଭାବରେ ଆର୍ଶୀବାଦ ଦେଇ ଆସିଛନ୍ତି ଓ ସେଥିପାଇଁ ଆମେ ସମସ୍ତେ ଓଡ଼ିଶାବାସୀଙ୍କ ନକଟରେ ଋଣୀ । ଆଗକୁ କଠିନ ପରିଶ୍ରମ କରି ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ପରମର୍ଶ ଦେଇଥିଲେ । ଦଳର କର୍ମୀ ଓ ତୃଣମୁଳ ସ୍ତରର ନେତାମାନଙ୍କୁ ଭେଟିବା ପାଇଁ ସଭାପତି ନବୀନ ପଟ୍ଟନାୟକ ଆଗାମୀ



ନଭେମ୍ବର ମାସରୁ ସାରା ରାଜ୍ୟ ଗସ୍ତ କରିବେ ବୋଲି ସୁଚନା ଦେଇଥିଲେ । ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସାଙ୍ଗଠନିକ ପୁନର୍ଗଠନ ପାଇଁ ସଭାପତିଙ୍କୁ ପ୍ରସ୍ତାବ ଦେଇଥିଲେ । ଗଞ୍ଜାମ ଜିଲ୍ଲାକୁ ଦୁଇଟି ସାଙ୍ଗଠନିକ ଜିଲ୍ଲାରେ ପରିଣତ କରିବା ପାଇଁ ମଧ୍ୟ ସେମାନେ ପ୍ରସ୍ତାବ ଦେଇଥିଲେ ।ଏହା ସହିତ ଦଳ ର ଛାତ୍ର ଯୁବ ମହିଳା ଆଦି ଛାମୁଆ ସଂଗଠନ କୁ ଗଠନ କରିବା ଓ ଅକଟୋବର ଦୁଇ ତାରିଖ ରୁ ମାସ ବ୍ୟାପୀ ପଦଯାତ୍ରା ଆରମ୍ଭ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।

# ଭି.କେ.ପାଣ୍ଡିଆନଙ୍କ ହେଲିକପ୍ଟରରେ ଗସ୍ତ ଖର୍ଚ୍ଚର ତଦନ୍ତ ହେବ: ପରିବହନ ମନ୍ତ୍ରୀ

ଭୁବନେଶ୍ୱର, : ଭି.କେ ପାଣ୍ଡିଆନଙ୍କ ହେଲିକପ୍ଟରରେ ଗସ୍ତ ଖର୍ଚ୍ଚକୁ ନେଇ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ହେଲିକପ୍ଟର ଖର୍ଚ୍ଚର ତଦନ୍ତ ଆରମ୍ଭ ହେବ ଏବଂ ଏନେଇ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଭି. କେ ପାଣ୍ଡିଆନଙ୍କ ହେଲିକପ୍ଟର ଖର୍ଚ୍ଚର ତଦନ୍ତ ଚାଲିଛି । ପରିବହନ ମନ୍ତ୍ରୀ ଆହୁରି କହିଛନ୍ତି, ଜଣେ ବ୍ୟକ୍ତି ଯଦି ସର୍ବସମ୍ମୁଖରେ ରାଜକୋଷକୁ ଲୁଣ୍ଠନ କରିବେ, ଏହା କେବେ ଗ୍ରହଣୀୟ ନୁହେଁ । ଆମ ସରକାର ଏ କଥାକୁ ପୁରା ନଜର ରଖିଛନ୍ତି । ସରକାର ଶୂନ୍ୟ ଦୁର୍ନୀତି ନୀତିକୁ ଆପଣାଇଛନ୍ତି । ଦୁର୍ନୀତିକୁ ସରକାର ବରଦାସ୍ତ କରିବେ ନାହିଁ । ଏନେଇ ତଦନ୍ତ ଚାଲିଛି । ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ।



ଭି.କେ ପାଣ୍ଡିଆନ କୋଟି କୋଟି ଟଙ୍କା ହେଲିକପ୍ଟର ଗସ୍ତରେ ଖର୍ଚ୍ଚ କରିଥିବାର ଅଭିଯୋଗ ରହିଛି । ୨୦୧୩ ରୁ ୨୦୨୪ ଭିତରେ ୫୦୦ କୋଟିରୁ ଅଧିକ ଖର୍ଚ୍ଚ ଅଭିଯୋଗ ହୋଇଛି । ପାଣ୍ଡିଆନଙ୍କ ଗସ୍ତ ପାଇଁ ପ୍ରତି ବ୍ଲକରେ ହେଲିପ୍ୟାଡ୍ ତିଆରି ହେଉଥିଲା ।

# ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରମାନେ ଆମ ସମସ୍ତଙ୍କ ପାଇଁ ସର୍ବଦା ପ୍ରେରଣା ହୋଇରହିବେ : ମନମୋହନ ସାମଲ

ଭୁବନେଶ୍ୱର, : ଦେଶର ସ୍ୱାଧୀନତା ପ୍ରାପ୍ତି ପ୍ରସଙ୍ଗରେ ୧୯୪୨ ମସିହା ଅଗଷ୍ଟ ୯ ତାରିଖ ଦିନ ସବୁଦିନ ସ୍ମରଣୀୟ ହୋଇ ରହିବ । ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀର ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରି ସେମାନଙ୍କଠାରୁ



ପ୍ରେରଣା ନେବାର ଦିନ ହେଉଛି ଅଗଷ୍ଟ ୯ କ୍ରାନ୍ତି ଦିବସ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଭାରତ ଛାଡ ଆନ୍ଦୋଳନରେ ଦେଶବାସୀ ଅଂଶଗ୍ରହଣ କରିଥିଲେ । ଓଡିଶାରେ ମଧ୍ୟ ଏହି ଆନ୍ଦୋଳନର ପ୍ରଭାବ ପଡିଥିଲା । ଉତ୍କଳମଣି ଗୋପବନ୍ଧୁ ଦାସ, ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଆଚାର୍ଯ୍ୟ ହରିହର, ଲକ୍ଷ୍ମଣ ନାୟକ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀଙ୍କୁ ଚରମ ବଳିଦାନ ଦେବାକୁ ପଡିଥିଲା । ଆଜିର ପିଢୀ ଏହି ସଂଗ୍ରାମରୁ ଶିକ୍ଷା ଲାଭ କରି ଦେଶ ତଥା ରାଜ୍ୟର ଐତିହ୍ୟ, ସଂସ୍କୃତି, ଭାଷା, ପରଂପରା ଓ ସ୍ୱାଭୀମାନକୁ ସୁରକ୍ଷା ଦେବା ପ୍ରାଥମିକତା ଦେବା ଆବଶ୍ୟକ । ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରମାନେ ଆମ ସମସ୍ତଙ୍କ ପାଇଁ ସର୍ବଦା ପ୍ରେରଣା ହୋଇରହିବେ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଓଡିଶାରେ ଭାଷା, ପର୍ଯ୍ୟଟନ, ଖଣିଜ ସମ୍ପଦ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦ, କୃଷି ସମ୍ପଦ, ମାନବ ସମ୍ପଦ ଭରପୁର ରହିଛି ଏବଂ ଏହାର ସଦୁପଯୋଗ କରାଯାଇ ଓଡିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢି ତୋଳିବା ସମ୍ଭବ ହୋଇପାରିବ ବୋଲି ଶ୍ରୀ ସାମଲ କହିଛନ୍ତି ।

# ଉପାନ୍ତ ଅଞ୍ଚଳରେ ନବନର୍ମିତ ସରକାରୀ ସ୍ନାତକ ମହାବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଆଣିବ ବିପ୍ଳବ: ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ଭୁବନେଶ୍ୱର : ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ୮ ଜିଲାରେ ୧୪ଟି ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟର ଉଦ୍‌ଘାଟନ କରାଯାଇଛି । ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ମୟୂରଭଞ୍ଜ ଜିଲାର ତିରିଙ୍ଗ, କଳାହାଣ୍ଡିର ଥୁଆମୂଳ ରାମପୁର, ସୁନ୍ଦରଗଡ଼ର ଗୁରୁଣ୍ଡିଆ ଓ ନୂଆଗାଁ, କୋରାପୁଟର ବନ୍ଧୁଗାଁ ଓ ନାରାୟଣପାଟଣା, ନବରଙ୍ଗପୁରର ଝରିଗାଁ, କୋସାଗୁମୁଡ଼ା, ରାଇଘର ଓ ତେନ୍ତୁଳିଖୁଣ୍ଟି, ରାୟଗଡ଼ାର କାଶୀପୁର ଓ ରମଣଗୁଡା, ଗଞ୍ଜାମ ଜିଲାର ଧରାକୋଟ ଓ କନ୍ଧମାଳ ଜିଲାର ଖଜୁରୀପଦା ଆଦି ଅଞ୍ଚଳରେ ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟର ଉଦ୍‌ଘାଟନ ହୋଇଛି । ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଶିକ୍ଷା ହିଁ କେବେଳ ସେହି ମାଧ୍ୟମ, ଯାହାଦ୍ୱାରା ଯୁବବର୍ଗମାନେ ନିଜକୁ ସଶକ୍ତ କରିବା ସହ ସମାଜରେ ପରିବର୍ତ୍ତନ ଆଣିପାରିବେ । ଉପାନ୍ତ ଅଞ୍ଚଳରେ ନବନିର୍ମିତ ଏହି ୧୪ଟି ସରକାରୀ ସ୍ନାତକ ମହାବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ନିଶ୍ଚିତ ରୂପେ ବିପ୍ଳବ ଆଣିବ । ଏଥିସହିତ ଛାତ୍ରୀଛାତ୍ରଙ୍କର ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ବଢ଼ିବା ସହିତ ଡ୍ରପ୍‌ଆଉଟ୍ ପ୍ରତିଶତ ହ୍ରାସ ପାଇବ ବୋଲି କହିଛନ୍ତି ।

# ଏଡିଆର ଓ ଭିଏଫଡି ରିପୋର୍ଟ ଦେଶରେ ନିର୍ବାଚନ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି: ବିଜେଡି

ଭୁବନେଶ୍ୱର, : ବିଜୁ ଜନତା ଦଳ ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ନିକଟରେ ଜାତୀୟ ସ୍ତରରେ ପ୍ରକାଶିତ ହୋଇଥିବା ଏଡିଆର ରିପୋର୍ଟ ଓ ଭଏସ ଫର ଡେମୋକ୍ରେସୀ ରିପୋର୍ଟ ଉପରେ ଆଲୋକପାତ କରି ଏହା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କହିଥିଲେ । ସେ କହିଥିଲେ, ନିକଟରେ ଆସୋସିଏସନ ଫର ଡେମୋକ୍ରାଟିକ ରିପୋର୍ଟ ଓ ଭଏସ ଫର ଡେମୋକ୍ରେସି ପରି ଦୁଇ ଜାତୀୟ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି ଯେଉଁଥିରେ ଭୋଟ ଦିନ ପ୍ରକାଶିତ ହୋଇଥିବା ସମୁଦାୟ ଭୋଟ ଓ ଭୋଟ ଗଣତି ଦିନ ଜଣା ପଡ଼ିଥିବା ସମୁଦାୟ ଭୋଟର ପାର୍ଥକ୍ୟ ପାଞ୍ଚ କୋଟିରୁ ଅଧିକ ରହିଛି । ସମୁଦାୟ ଭୋଟରେ ଏତେ ବଡ଼ ବ୍ୟବଧାନ ନିଶ୍ଚିତ ଭାବେ ଏକ ବଡ଼ ବ୍ୟତିକ୍ରମ ଓ ଆମ ସାମ୍ବିଧାନିକ ବ୍ୟବସ୍ଥା ପାଇଁ ଏକ ପ୍ରଶ୍ନବାଚୀ । ଏହି ରିପୋର୍ଟ ଅନୁଯାୟୀ, ନିର୍ବାଚନ ହୋଇଥିବା ୫୪୧ ସିଟ୍ ମଧ୍ୟରୁ ୫୩୮ଟି ସିଟ୍ ?ରେ ଏହି ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏହି ରିପୋର୍ଟ ଅନୁଯାୟୀ, ଅନୁନ୍ୟ ୭୯ଟି ଏମ୍ ?ପି ଆସନରେ ଏହି ବ୍ୟତିକ୍ରମ କାରଣରୁ ବିଜେପିର ବିଜୟ




ପାଇଁ ସହାୟକ ହୋଇଛି । ସେହିପରି ଓଡ଼ିଶାର ୧୮ଟି ଲୋକସଭା ଆସନରେ ମଧ୍ୟ ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ବୋଲି ଶ୍ରୀମତୀ ସାମନ୍ତସିଂହାର କହିଥିଲେ । ସେ ଆହୁରି କହିଥିଲେ, ଏହି ରିପୋର୍ଟକୁ ଅନୁଧ୍ୟାନ କଲେ ଆମ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦିଓ ନିର୍ବାଚନ କମିସନର ଇଭିଏମର ସ୍ୱଚ୍ଛତା ଉପରେ ବାରମ୍ବାର ଦୃଢୋକ୍ତି ପ୍ରକାଶ କରିଛନ୍ତି, ଏହି ରିପୋର୍ଟ ଜନସାଧାରଣଙ୍କ ମନରେ ଇଭିଏମର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି ।

# ଓଡ଼ିଶାକୁ ମିଳିଲା ୫ଟି ନୂଆ ରେଳ ପ୍ରକଳ୍ପ: ଧନ୍ୟବାଦ ଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର: କେନ୍ଦ୍ର କ୍ୟାବିନେଟ୍‌ରେ ଓଡ଼ିଶାକୁ ନୂଆ ରେଳ ଲାଇନ୍ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମ୍ପ୍ରସାରଣ ନେଇ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲାର ଆର୍ଥିକ ଅଭିବୃଦ୍ଧି ସହ ଭିତିଭୂମିକୁ ସୁଦୃଢ କରିବ । ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମୋଟ୍ ୮ଟି ରେଳ ପ୍ରକଳ୍ପକୁ ଅନୁମୋଦନ ଦେଇଛି । ଏହି ପ୍ରକଳ୍ପର ମୂଲ୍ୟ ୨୪,୬୫୭ କୋଟି ରହିଛି, ଯେଉଁଥିରେ ଓଡିଶାର ଗୁଣୁପୁର-ଥେରୁବାଲି ୭୩ କିଲୋମିଟର,



ଜୁନାଗଡ-ନବରଙ୍ଗପୁର ୧୧୬ କି.ମି,ବାଦାମପାହାଡ-କେନ୍ଦୁଝରଗଡ ୮୨.୬ କିଲୋମିଟର, ବାଙ୍ଗିରିପୋଷୀ-ଗୋରୁମୋହିଷାଣି ୮୫.୬୦ କି.ମି, ମାଲକାନଗିରି-ଭଦ୍ରାଚଲମ ୧୭୩.୬୧ କି.ମି ଆଦି ନୂଆ ରେଳ ଲାଇନ୍ ହେବ ବୋଲି ଜଣାପଡ଼ିଛି । ୨୦୩୦-୨୦୩୧ ସୁଦ୍ଧା ଶେଷ ହେବାକୁ ଥିବା ଏହି ନୂତନ ଲାଇନ୍ ପ୍ରକଳ୍ପଗୁଡ଼ିକ ନିର୍ମାଣ କାଳରେ ପ୍ରାୟ ୩ କୋଟି ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ।

# ତଣ୍ଡ୍ରିଗାଁ ମତ୍ସ୍ୟ ଜାଆଁଳା ଉତ୍ପାଦନ ପୋଖରୀ ପୁନଃ ଉଦ୍ଧାର କେବେ ? ପୋଖରୀ ସାରା ଘାସ ବୁଦାରେ ଭର୍ତ୍ତି, ଗୁରୁତ୍ୱ ଦେଉନି ମତ୍ସ୍ୟ ବିଭାଗ



ଫିରିଙ୍ଗିଆ : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ତଣ୍ଡ୍ରିଗାଁ ରେ ଦୀର୍ଘ ବର୍ଷରୁ ନିର୍ମାଣ କରା ଯାଇଥିବା ମତ୍ସ୍ୟ ଜାଆଁଳା କେନ୍ଦ୍ର ଏବେ ଅବହେଳିତ ହୋଇ ପଡ଼ି ରହିଛି । ବର୍ତମାନ ପରିସ୍ଥିତି ରେ ରାଜ୍ୟ ସରକାର ହେଉ କି କେନ୍ଦ୍ର ସରକାର ଜନସାଧାରଣଙ୍କ ରୋଜଗାର ଓ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି ଏମିତି କି ସ୍ୱୟଂ ସହାୟିକା ଗୋଷ୍ଠୀ ହେଉ କି ଗ୍ରାମ ବାସୀ ହେଉ ପୋଖରୀ ରେ ମାଛ ଜାଆଁଳା ଛାଡି ରୋଜଗାର କରି ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରୁଛନ୍ତି । ତେବେ ଦୀର୍ଘ ୫୦ ବର୍ଷରୁ ଅଧିକ ହେବ ତଣ୍ଡ୍ରି ଗାଁରେ ଏକ ମତ୍ସ୍ୟ ଜାଆଁଳା କେନ୍ଦ୍ର ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ସହ ୪ ଟି କୁଣ୍ଡ ନିର୍ମାଣ କରି ମେସିନ ଲଗାଇ ୨ ଟି ବଡ଼ ପୋଖରୀ ସହ ସମୁଦାୟ ୧୦ ଟି ପୋଖରୀ ଖୋଳି ଏହାର ରକ୍ଷଣା ବେକ୍ଷଣ ପାଇଁ କର୍ମଚାରୀ ନିଯୁକ୍ତି ଦେଇ ଥିଲେ କ୍ଷ କର୍ମଚାରୀ ଙ୍କ ରହିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ୨ ଟି ଘର ମଧ ନିର୍ମାଣ କରିଥିଲେ । ଏହାଦ୍ୱାରା ଏହି ତଣ୍ଡ୍ରି ଗାଁ ମତ୍ସ୍ୟ ଜାଆଁଳା କେନ୍ଦ୍ରର ରକ୍ଷଣା ବେକ୍ଷଣ ସହ ଏହି କେନ୍ଦ୍ରରୁ ଅଞ୍ଚଳ ର ମାଛ ଚାଷୀ ଜାଆଁଳା ନେଇଁ ମାଛ ଚାଷ କରିବା ସହ ଭଲ ୨ ପଇସା ରୋଜଗାର ସହ ଜାଆଁଳା ମଧ ପାଖରେ ପାଇ ପାରୁଥିଲେ । ଗତ ୨୦ ବର୍ଷରୁ ଅଧିକ ହେବ ଏହି ଜାଆଁଳା ଉତ୍ପାଦନ କେନ୍ଦ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳା ଏବଂ ଏହି ବନ୍ଧ ର ଉଦ୍ଧାର ଓ ରକ୍ଷଣ ର ଇଚ୍ଛା ଶକ୍ତିର ଅଭାବରୁ ନଷ୍ଟ ହୋଇ ପଡ଼ିରହିଛି । ଯାହାଦ୍ୱାରା ନିର୍ମାଣଧୀନ ଲକ୍ଷାଧିକ ଟଙ୍କାର ଘର ଭାଙ୍ଗି ନଷ୍ଟ ହୋଇ ପଡିଛି କ୍ଷ ମାଛ ଚାଷ ପାଇଁ ଉପଯୋଗୀ ୨ ଟି ବଡ଼ ପୋଖରୀ ରେ ବର୍ତମାନ ଘାସ ଲଟା ରେ ପରିଣତ ହୋଇରହିଛି ବାକି ଅନ୍ୟ ଆଠଟି ଛୋଟ ପୋଖରୀ ମଧରେ ୪ ଟି ପୋଖରୀ ମଧ ଘାସ ଲଟା ରେ ପରିପୂର୍ଣ୍ଣ ହୋଇ ପଡ଼ି ରହିଛି କ୍ଷ ଜାଆଁଳା ଉତ୍ପାଦନ କରା ଯାଉଥିବା ମେସିନ ସରଞ୍ଜାମ ନଷ୍ଟ ହୋଇ ପଡିରହିଥିବା ବେଳେ ନିର୍ମାଣ ଧୀନ କୁଣ୍ଡ ମଧ ଭଙ୍ଗା ଅବସ୍ଥାରେ ପଡ଼ି ରହିଛି । ଏହି ପୋଖରୀ ରୁ ଅଞ୍ଚଳ ବାସୀ ସଜ ମାଛ ଖାଇବାକୁ ପାଉଥିଲେ ଓ ଅଞ୍ଚଳରେ ମାଛ ମଧ ମିଳି ପାରୁଥିଲା । ବର୍ତମାନ ସବୁ ଅବ୍ୟବସ୍ଥା ରେ କେଉଁଠି ହୁଡ଼ା ଭାଙ୍ଗିଛି ତ କେଉଁଠି ଘାସ ବୁଦାରେ ଭରି ରହିଛି କ୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଅବ୍ୟବସ୍ଥା ରେ ପଡ଼ି ରହିଛି । ଯାହାକୁ ନେଇଁ ଅଞ୍ଚଳ ରେ ଅସନ୍ତୋଷ ଦେଖା ଦେଇଛି କ୍ଷ ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ଏହାର ପୁନଃ ଉଦ୍ଧାର କରି ପୁଣି ଥରେ ମାଛ ଜାଆଁଳା ଉତ୍ପାଦନ କଲେ କିଛି ଅଞ୍ଚଳର ଯୁବକ ମଧ କାର୍ଯ୍ୟରେ ନିୟୋଜିତ ହେବା ସହ ରୋଜଗାର ମଧ ବଢ଼ି ପାରିବ ବୋଲି ଅଞ୍ଚଳ ବାସୀ ଆଶା ରଖିଛନ୍ତି ।

# ଖତ ଖାଉଛି ୧୦୮ ଆମ୍ବୁଲାନ୍ସ, ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ?

## କେବଳ ଯୋଜନା ମାଳମାଳ ରାଜସ୍ୱ ଦୁର୍ବଳ



ହରିଚନ୍ଦନପୁର, : କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ କାର୍ଯ୍ୟାଳୟ ମଧରେ ମାଆ ବାପା ଛେଉଣ୍ଡ ପରି ଖତ ଖାଉଛି ୨ଟି ୧୦୮ ଆମ୍ବୁଲାନ୍ସ, ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ଖବର ମୁତାବକ ଓଡି ୦୨ ଏ ଡବ୍ଲୁ ୧୭୧୧ ଓ ଓଡି ୦୨ ଏ ୟାଇ ୦୫୯୯ ଏହି ଦୁଇଟି ୧୦୮ ଆମ୍ବୁଲାନ୍ସ ଦୀର୍ଘଦିନ ହେବ ଏଠାରେ ଅଚଳ ଅବସ୍ଥାରେ ପଡ଼ିରହିଛି । ୧୭୧୧ ଆମ୍ବୁଲାନ୍ସ ଟି ୬ବର୍ଷ ୧ମାସର ତଥା ୨୩ ଜୁନ ୨୦୧୮ ମସିହାରେ ପଞ୍ଜିକୃତ ହୋଇଥିବା ବେଳେ ଏହାର ଫିଟନେସ୍ ଅବଧି ୧୬ ସେପଟ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ରହିଛି । ଏଥିସହ ଇନ୍ସୁରାସ୍ ଓ ପଲ୍ୟୁସନ ଅବଧି ୩/୪ରୁ ହେବ ଶେଷ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡିଛି । ୦୫୯୯ ଆମ୍ବୁଲାନ୍ସ ଟି ୫ବର୍ଷ ୧୦ ମାସ ତଥା ୨୬ ସେପଟ୍ଟେମ୍ବର ୨୦୧୮ ମସିହାରେ ପଞ୍ଜିକୃତ ହୋଇଥିବା ବେଳେ ଏହାର ଫିଟନେସ୍ ଅବଧି ୦୮ ସେପଟ୍ଟେମ୍ବର ୨୦୨୩ ପର୍ଯ୍ୟନ୍ତ ରହିଛି । ଏଥିସହ ଇନ୍ସୁରାସ୍ ଅବଧି ୫ ମାସ ପୂର୍ବରୁ ସରିଥିବା ବେଳେ ପଲ୍ୟୁସନ ଅବଧି ୦୧ ସେପଟ୍ଟେମ୍ବର ୨୦୨୩ରେ ସରିଥିବା ସରକାରୀ ତଥ୍ୟରୁ ଜଣାପଡିଛି । ସରକାରୀ ପଞ୍ଜିକରଣ ଅନୁସାରେ ଦୀର୍ଘ ୧୫ ବର୍ଷ ପର୍ଯ୍ୟନ୍ତ ଗାଡ଼ି ଗୁଡ଼ିକ ଠିକ୍ ଭାବେ ରାସ୍ତାରେ ଚାଲି ପାରିବ । ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଚାଲିବା ପରେ ଗାଡ଼ିର ଯାଞ୍ଚ କରି ତାହାର ଫିଟନେସ୍ ବୈଧତା ଆଉ ୫ବର୍ଷ ପର୍ଯ୍ୟନ୍ତ ଦିଆଯାଉଛି । ଏଠାରେ ପ୍ରଶ୍ନ ଯେ ୫/୬ ବର୍ଷ ହୋଇଥିବା ଏହି ଦୁଇଟି ଗାଡ଼ିରେ ଏମିତି କ'ଣ ଅସୁବିଧା ରହିଛି, ଯେ ତାହା ରାସ୍ତାରେ ଚାଲିବା ପାଇଁ ଯୋଗ୍ୟ ହେଲାନାହିଁ । ରାଜସ୍ୱ ଅର୍ଥରୁ ବୋଲି ଏହି ଗାଡ଼ି ଗୁଡ଼ିକୁ କାମରେ ନଲଗାଇ ଖତ ଖୁଆଇବାକୁ ପ୍ରଶାସନ ପଛଘୁଞ୍ଚା ଦେଲାନାହିଁ ସେ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି । ଗତ ସ୍ଥାୟୀ ସରକାରରେ କେବଳ ଯୋଜନା ମାଳମାଳ କରି ରାଜସ୍ୱ ହାନି କରାଯାଇଛି, ତାହା ବାସ୍ତବ ଚିତ୍ର ଦେଖିଲେ ସତ୍ୟତା ଜାଣିହେଉଛି । ଯଦି ଏଠାରେ ଏମିତି ଅବସ୍ଥାରେ ରାଜସ୍ୱ ଖତ ଖାଉଛି ତ ତେବେ ଓଡ଼ିଶା ମଧରେ କେତେ ଏମିତି ନଷ୍ଟ ହୋଇ ଖତ ଖାଉଥିବ ତାହା ପ୍ରଶ୍ନବାଚୀ । ଏଥିପ୍ରତି ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ଦୃଷ୍ଟି ଦେଇ ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ବିପଦ ଶଙ୍କୁଳ ଅବସ୍ଥାରେ ବାଲିଛନ୍ଦା ଘାଟ ପୋଲ



ସୋର, : ତିରିଶି ବର୍ଷ ତଳେ ନିର୍ମାଣ ହୋଇଥିବା ବାଲିଛନ୍ଦା ଘାଟ ପୋଲ ଏବେ ବିପଦ ଶଙ୍କୁଳ ଅବସ୍ଥାରେ । ପୋଲ ଉପରେ ଯାତାୟତ କରିବାକୁ ଏବେ ଲୋକେ ଡରିଲେଣି । କାରଣ ପୋଲର ଦୁଇଟି ପିଲର ଝଡ଼ିଯିବା ସହିତ ଜରାଜୀର୍ଣ୍ଣ ଅବସ୍ଥାରେ ଏହାର ରଡ ଦେଖା ଗଲାଣି । କୌଣସି ବି ମୁହୂର୍ତ୍ତରେ ଏଠାରେ ବଡ ଧାରଣ ଅଘଟଣ ଘଟିପାରେ ଯାହାକୁ ଏଡାଇ ହେବ ନାହିଁ । ତେବେ ଏ ବାବଦରେ ଜିଲ୍ଲାପରିଷଦ ସଦସ୍ୟ ଜୟରାମ ଦାସଙ୍କ ସମେତ ସ୍ଥାନୀୟ ଲୋକେ ବିଭାଗୀୟ ଏସ୍ଡିଓ ସହକାରୀ ଯନ୍ତ୍ରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ସ୍ଥିତି ପରଖିବା ସହିତ ଏହାର ମରାମତି କରାଇବାକୁ ନିବେଦନ କରିଥିବା ଜଣାପଡ଼ିଛି । ଏହି ପୋଲ ଉପରେ ବାଲେଶ୍ୱର ଜିଲାର ସୋର ନିର୍ବାଚନ ମଣ୍ଡଳୀ ଓ ଭଦ୍ରକ ଜିଲାର ବାସୁଦେବପୁର ନିର୍ବାଚନମଣ୍ଡଳୀର ପ୍ରମୁଖ ୧୫ ଟି ପଂଚାୟତର ହଜାର ହଜାର ଲୋକ ପ୍ରତିଦିନ ନିର୍ଭରଶୀଳ ଅଟନ୍ତି ଏହାଛଡା ଧାମରା ବନ୍ଦର ଓ ବାଲେଶ୍ୱର ସହରକୁ ଯାତାୟତ ପାଇଁ ଏହା ଏକ ପ୍ରମୁଖ ରାସ୍ତା ମଧ ଅଟେ । ତେବେ ଏହି ପୋଲର ଦୁରାବସ୍ଥାକୁ ଲକ୍ଷକରି ବିଭାଗୀୟ ଅଧିକାରୀ ଓ ରାଜନେତା ମାନେ ହସ୍ତକ୍ଷେପ କରିବା ସହିତ ପୋଲର ବର୍ତମାନ ଅବସ୍ଥା ପରଖି ତୁରନ୍ତ ଏହାକୁ ମରାମତି କରାଯିବା ସହିତ ଭରିଯାନ ନିଷେଧ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି ।

# ରାସ୍ତାନିର୍ମାଣର ୩ମାସ ନ ହେଉଣୁ ପିଚୁ ଉଠି ଶୋଚନୀୟ



ନୂଆପଡା : ନୂଆପଡ଼ା ଜିଲା କୋମନା ବ୍ଲକ୍ ବାଟିବାହାଲଠାରୁ ଚେରେଚୁଆଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ୩ମାସ ନ ହେଉଣୁ ପିଚୁ ଉଠି ଶୋଚନୀୟ ହୋଇପଡ଼ିଛି । ଏ ନେଇ ଜିଲା ଟ୍ରେଡ୍ ୟୁନିୟନ ସଭାପତି ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ନୂଆପଡ଼ା ଜିଲାପାଳ ହେମକାନ୍ତ ସାୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲାପାଳ ତଦନ୍ତ ନ ହେବା ପର୍ଯ୍ୟନ୍ତ ସମସ୍ତ ବିଲ୍ ସ୍ଥଗିତ ରଖିବାକୁ ଗ୍ରାମ୍ୟ ୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ ଦଇଛନ୍ତି । ଏହାସହ କାର୍ଯ୍ୟ ନିମ୍ନମାନର ବୋଲି ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ ବିଜୁ ଏକ୍ସପ୍ରେସ୍ ୱେ ବାଟି ବାହାଲ ଗାଁଠାରୁ ଚେରେଚୁଆଁ ଗାଁ ପର୍ଯ୍ୟନ୍ତ ୫.୮୦୦ କି.ମି. ପାଇଁ ଅଟକଳ ମୂଲ୍ୟ ୭୮୪.୭୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ୨୦୨୩ ଅକ୍ଟୋବର ୪ରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୪ ଏପ୍ରିଲ ୩ରେ ଶେଷହେବା ନେଇ ଫଳକରେ ଉଲ୍ଲେଖ ରହିଛି । କାର୍ଯ୍ୟ ଶେଷ ହେବାର ୩ ମାସ ପୂରିବା ପୂର୍ବରୁ ରାସ୍ତାରୁ ପିଚୁ, ଗେଟି, ମେଟାଲ ବାହାରି ସ୍ଥାନେ ସ୍ଥାନେ ଗାତ ହୋଇଗଲାଣି । ଏହି ରାସ୍ତା ଦେଇ ସୁନାବେଡ଼ା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ୫୨ଗାଁ ଲୋକ ଓ ଛତିଶଗଡ଼ ଲୋକେ ଯାତାୟାତ କରିଥାନ୍ତି ବଲାଙ୍ଗୀର, କଳାହାଣ୍ଡି, ବରଗଡ଼ ଏହି ଜିଲା ଲୋକେ ମା' ସୁନାଦେଇ ଦର୍ଶନ କରିବା ସହ ଗୋଡ଼ାପାହାଡ଼ ଉପରେ ଥ?ବା ବେନିଆଧସ, ଗୋଧସ, ଖରଲଧସ ଭଳି ଜଳପ୍ରପାତ ବୁଲିବା ପାଇଁ ଆସୁଛନ୍ତି । ହେଲେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ତଦନ୍ତ କରି ଠିକାଦାର ଓ ସମ୍ପୃକ୍ତ ଅଧିକାରୀ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବନବାସୀ ଦାବି କରିଛନ୍ତି ।

# ଅଙ୍ଗନବାଡ଼ି ପିଲାଙ୍କ ୬ ମାସର ଚାଉଳ ଗାୟବ !

ଭବାନୀପାଟଣା, : କଳାହାଣ୍ଡି ଜିଲାରେ ପରିବହନ ଠିକାଦାରଙ୍କ ପକ୍ଷରୁ ଅଙ୍ଗନବାଡ଼ି ପିଲାଙ୍କ ଚାଉଳ ଓଜନ ଠକେଇ ଘଟଣା ନଜରକୁ ଆସିଥିଲା । ଓଜନ ଠକେଇ କରି ଠିକାଦାର ବର୍ଷକୁ ପ୍ରାୟ ୨୫୦୦-୩୦୦୦କ୍ୱି ୦୦କ୍ୱିଣ୍ଟାଲ ଚାଉଳ ବାଟମାରଣା କରିବା ଅଭିଯୋଗ ହେଉ ହେଉଥିଲା । ଏବେ ପୁଣି ଏ ଏକ ସାଂଘାତିକ ଘଟଣା ନଜରକୁ ଆସିଛି । ଗୋଲାମୁଣ୍ଡା ବ୍ଲକର ୬ ମାସର ଚାଉ ଚାଉଳ ହଡ଼ପ ଘଟଣା ଜଣାପଡିଛି । ଫଳରେ ଗତ କରାଯାଇଥିବା ମାସ ହେବ ହେବ ବ୍ଲକର ଅଙ୍ଗନବାଡ଼ି କେନ୍ଦ୍ରରେ ଚୁଲି ଜଳିନାହିଁ । ସେଠାରେ ପଢୁଥିବା ପିଲା ଖାଇବାକୁ ପାଇନାହାଁନ୍ତି । ସ୍ୱତନ୍ତ୍ର ପୁଷ୍ଟିକର ଯୋଜନା ମାଧ୍ୟମରେ ଅଙ୍ଗନବାଡି ଯାଉଥିବା । ପ୍ରି-ପ୍ରାଇମେରୀ ପିଲାଙ୍କ ପିଲାଙ୍କ ପାଇଁ ଆସୁଥିବା ୯୦୦ କ୍ୱିଣ୍ଟାଲ ଚାଉଳ ପରିବହନ ଠିକାଦାର ଓ ଅଧିକାରୀ ମିଶି ଖାଇ ଯାଇଛନ୍ତି । ତଥ୍ୟ ଅନୁଯାୟୀ, ଗୋଲାମୁଣ୍ଡା ବ୍ଲକରେ ୧୮୪ ଅଙ୍ଗନବାଡ଼ି କେନ୍ଦ୍ର ନ୍ଦ୍ର ରହିଛି । ଏହି ସମସ୍ତ କେନ୍ଦ୍ରକୁ ୭୦୬୦ ପିଲା ପଢ଼ିବା ସହ ରନ୍ଧାଖାଦ୍ୟ ଖାଇବାକୁ ଯାଆନ୍ତି । ଏଥିପାଇଁ ପ୍ରତି ୩ମାସରେ ଥରେ ଚାଉଳ ଏଲଟମେଣ୍ଟ ଆସିଥାଏ । ପ୍ରତି ଏଲଟମେଣ୍ଟରେ ୪୦୦ କ୍ୱିଣ୍ଟାଲରୁ ୨ ଷ୍ଟାଲରୁ ଅଧିକ ଚାଉଳ ବଣ୍ଟନ କରାଯାଇଥାଏ । ଗତ ୨୦୨୩ ପ୍ରଥମ ପର୍ଯ୍ୟାୟରେ ଅର୍ଥାତ୍ ଅପ୍ରେଲ, ମେ, ଜୁନରେ ନରେ ବ୍ଲକରେ ୪୩୦.୦୪ ଦ୍ୱିଣ୍ଟାଲ ଓ ୨ୟ ପର୍ଯ୍ୟାୟ ଜୁଲାଇ, ଲାଇ, ଅଗଷ୍ଟ, ସେପଟ୍ଟେମ୍ବରରେ ୪୩୧ କ୍ୱିଣ୍ଟାଲ ଚାଉଳ ଯୋଗାଣ ହୋଇଛି । ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ଅର୍ଥାତ୍ ୨୦୨୩ ଅକ୍ଟୋବର, ନଭେମ୍ବର, ଡିସେମ୍ବର ଓ ଜାନୁଆରୀ, ଫେବୃୟାରୀ, ମାର୍ଚ୍ଚ ମାସର ଚାଉଳ ବଣ୍ଟନ କରାଯାଇନାହିଁ । ତୃତୀୟ ପର୍ଯ୍ୟାୟରେ ବ୍ଲକରେ ୪୫୦ କ୍ୱିଣ୍ଟାଲ ଓ ଚତୁର୍ଥ ପର୍ଯ୍ୟାୟରେ ୪୦୦ କ୍ୱିଣ୍ଟାଲ ଉଠାଣ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଅଙ୍ଗନବାଡି ପରିଦର୍ଶିକା ଯଶୋବନ୍ତୀ ନାଏକଙ୍କ କହିବା ଅନୁଯାୟୀ, ଚାଉଳ ବଣ୍ଟନ ହେବା ପରେ ଚାଉଳ ପାଇଥିବା ନେଇ ଫର୍ମ -୧ରେ ଅଙ୍ଗନବାଡି ପରିଚାଳିକାମାନେ ଦସ୍ତଖତ କରିଥାନ୍ତି । ବ୍ଲକର ସମସ୍ତ କେନ୍ଦ୍ରରୁ ଫର୍ମ-୧ ସଂଗ୍ରହ ହେବା ପରେ ରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଂପୃକ୍ତ ପରିବହନ ଠିକାଦାରଙ୍କୁ ୟୁଟିଲିଟି ସାର୍ଟିଫିକେଟ ବା ବିନିଯୋଗ ପ୍ରମ ପ୍ରମାଣପତ୍ର ଦେଇଥାନ୍ତି । ଯାହାକୁ ଆଣି ଜିଲା ସାମାଜ କଲ୍ୟାଣ ଅଧିକାରୀ ନିକଟରେ ପରିବହନ ଠିକାଦାର ଦାଖଲ କରିଥାଏ । ତେବେ ଗୋଲାମୁଣ୍ଡା ବ୍ଲକରେ ୨୦୨୩ ଅକ୍ଟୋବର ମାସର ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଚାଉଳ ବଣ୍ଟନ ହୋଇନଥିବା ବେଳେ ୨୦୨୪ ଅପ୍ରେଲ, ଜୁନ୍ ଚାଉଳ ଜୁଲାଇରେ ବଣ୍ଟନ କରାଯାଇଛି । କିନ୍ତୁ ଗତ ୬ ମାସର ଚାଉଳ ବଣ୍ଟନ ନହୋଇ କିପରି ବିନିଯୋଗ ପ୍ରମାଣପତ୍ର ଦିଆଯାଇଛି ସେବିଷୟରେ ତାଙ୍କ ଧାରଣା ନାହିଁ ବୋଲି ସୁପରଭାଇଜର ନିଜ ପ୍ରତିକ୍ରିୟା ରଖିଛନ୍ତି । ଜନରେ ଠକେଇ, ଚାଉଳ ବାଟମାରଣା, ଚାଉଳ ହଡ଼ପ ଭଳି ଗୁରୁତର ଅଭିଯୋଗ ହେଉଥିଲେ ବି ପ୍ରଶାସନ ଏ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।

# ବାଲିଅନ୍ତା ବ୍ଲକରେ ଅଧିକାରୀଙ୍କ ଅନୁପସ୍ଥିତି ନେଇ ହିତାଧିକାରୀ ହନ୍ତସନ୍ତ

ଭୁବନେଶ୍ୱର, : ବାଲିଅନ୍ତା ବ୍ଲକରେ ଦୀର୍ଘ ଦିନ ହେବ ଅଧିକାରୀଙ୍କ ଅନୁପସ୍ଥିତି ଲାଗି ରହିଛି କ୍ଷ ବାଲିଅନ୍ତା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଧିକାଂଶ ଦିନ କାର୍ଯ୍ୟରେ ଅନୁପସ୍ଥିତ ରହୁଥିବାରୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ହିତାଧିକାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡିଛି । ଏନେଇ ଦୂରଦୁରାନ୍ତରୁ ଆସୁଥିବା ଲୋକେ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ଅଧିକାରୀଙ୍କୁ ତାଙ୍କ ପ୍ରକୋଷ୍ଟରେ ନପାଇ ନିରାଶ ହୋଇ ଫେରୁଥିବା ଲକ୍ଷ କରାଯାଉଛି କ୍ଷ ଏନେଇ ହିତାଧିକାରୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି । ଯାହାଫଳରେ ବିଭିନ୍ନ କାମ ଯଥା ଭତ୍ତା,ଜାତୀୟ ପରିବାର ମଙ୍ଗଳ ଯୋଜନା,



ସୋସାଇଟି ପଞ୍ଜୀକରଣ, ବୃତ୍ତି,ଭାଗବତ ଟୁଙ୍ଗି, କଳା ସଂସ୍କୃତି ଭିତ୍ତିକ କାମ କାର୍ଯ୍ୟ,ଭିମଭୋଇ ସାମର୍ଥ୍ୟ ଶିବିର ସବୁ କ୍ଷେତ୍ରରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲୋକମାନଙ୍କର ସମସ୍ୟା ବଢ଼ିବାରେ ଲାଗିଛି ସିନା କମିବାର ନାଁ ଧରୁନି । ସେହିପରି ବ୍ଲକର ୬ ଜଣ ସହକାରୀ ଯନ୍ତ୍ରୀଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ ମଧ ମାସରେ ବହୁଦିନ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି । ରାସ୍ତାଘାଟ ନିର୍ମାଣ ବେଳେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁନଥିବା ଅଭିଯୋଗ ହେଉଛି । ଯାହାଫଳରେ ଯାବତୀୟ ନିର୍ମାଣ କାମ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ହେଉଥିବା ବେଳେ ବିଲ କରାଇ ବ୍ଲକ କର୍ତ୍ତୃପକ୍ଷ ଏବଂ ଯନ୍ତ୍ରୀ ସମୂହ ହାତ ଚିକ୍କଣ କରୁଥିବା ଜଣାଯାଇଛି । ବିଡ଼ିଓ ନିରବଦ୍ରଷ୍ଟା ସାଜିଛନ୍ତି । ଦିନେ ଆସିଲେ ଆଉ ଦିନେ ଅନୁପସ୍ଥିତ ରହୁଥିବା ଜଣାଯାଇଛି । ସରକାରୀ ନିୟମାନୁସାରେ ଅନ୍ୟୁନ ୩ ବର୍ଷ ପରେ କର୍ମଚାରୀ, ଅଧିକାରୀଙ୍କ ବଦଳି ନିୟମ ଥିବାବେଳେ ବାଲିଅନ୍ତା ବ୍ଲକରେ ମୋଡିମକଚି ଫିଙ୍ଗି ଦିଆଯାଇଛି କ୍ଷ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରି ତାଙ୍କ ସ୍ଥାନରେ ନୂତନ ଅଧିକାରୀ ଏବଂ ଯନ୍ତ୍ରୀ ନିଯୁକ୍ତି କରାଗଲେ ଲୋକମାନଙ୍କର ସମସ୍ୟାର ସମାଧାନ ହୋଇ ପାରନ୍ତା ବୋଲି ମତ ପ୍ରକାଶ ପାଇଛି । ବୃଦ୍ଧା ଏବଂ ଅସହାୟ ବର୍ଗଙ୍କ ସମେତ ସମସ୍ତ ଲୋକେ ଉପକୃତ ହୋଇପାରନ୍ତେ । ବ୍ଲକରେ ପିସି କାରବାର ବଢିଛି । ବ୍ଲକରେ ଆଉ ଜଣେ ଜୁନିଅର ଆସିଷ୍ଟାଣ୍ଟ ଅଛନ୍ତି ଲୋକଙ୍କୁ କଟୁ ବ୍ୟବହାର କରିଥାନ୍ତି । ଦୀର୍ଘ ସାତ ବର୍ଷ ହେଲା ସେ ବ୍ଲକରେ ଗୋଟିଏ ସ୍ଥାନରେ କିପରି ରହିଛନ୍ତି ଆଉ କାହିଁକି ତାଙ୍କର ବଦଳି କରାଯାଉ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଖୋର୍ଦ୍ଧା ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ଅଜଣା ରୋଗରେ ଶଯ୍ୟାଶାୟୀ : ଚିକିତ୍ସାରେ ଅର୍ଥ ସାଜିଛି ବାଧକ: ସରକାରୀ ସାହାଯ୍ୟ ପାଇଁ ଦାବୀ



କନ୍ଧମାଳ : କନ୍ଧମାଳ ଜିଲ୍ଲା ପାହିରାଜୁ ପଞ୍ଚାୟତରେ ଥିବା ମୁଛଳପଡା ଗାଁର ପ୍ରଶ୍ନ ଦିଗାଲ ଦୀର୍ଘ ୪ ବର୍ଷ ହେବ ଏକ ଅଜଣା ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ହୋଇ ପଡିଛନ୍ତି । ବର୍ତମାନ ଚିକିତ୍ସାରେ ଅର୍ଥ ବାଧକ ସାଜିଛି । ମୂଲ ଲାଗି ପରିବାର ପ୍ରତି ପୋଷଣ କରି ଆସୁଥିବା ପ୍ରଶ୍ନ ଦିଗାଲ ଏବେ ଅଜଣା ରୋଗରେ ପୀଡିତ ହେବା ପରେ ତାଙ୍କ ସ୍ତ୍ରୀ ଜାନକୀ ଦିଗାଲ ବର୍ତ୍ତମାନ ସ୍ୱାମୀର ଚିକିତ୍ସା କରାଇବା ଲାଗି ଟଙ୍କା ଅଭାବରୁ ଅସମର୍ଥ ହୋଇ ପଡି ଭାଙ୍ଗି ପଡିଛନ୍ତି । ସୂଚନା ଅନୁସାରେ ମୁଛଳପଡା ଗାଁରେ ପ୍ରଶ୍ନ ଦିଗାଲ, ସ୍ତ୍ରୀ ଜାନକୀ ଦିଗାଲ, ମା ଟୁବି ଦିଗାଲ, ପୁଅ ସାନୁଜ ଦିଗାଲ, ଝିଅ ଭୁମିକା ଦିଗାଲ, ମାଣିକଦିଗାଲ ମିଶି ସୁରୁଖୁରୁରେ ମୁଲ ମଜୁରୀ କରି ପରିବାର ପ୍ରତିପୋଷଣ କରୁଥିଲେ । ପରିବାରରେ ସମୁଦାୟ ୬ ଜଣ ସଦସ୍ୟ ରହି ଆସୁଥିବା ବେଳେ ଦିନ ଥିଲା ଏହି ପରିବାର ମଧ ବହୁ ହସଖୁସିରେ ଚଳୁଥିଲେ । କିନ୍ତୁ ଗତ କିଛି ଦିନ ମଧରେ ପରିବାରର ମୁଖ୍ୟ ରୋଜଗାରିଆ ପ୍ରଶ୍ନ ଦିଗାଲ ଅଜଣା ରୋଗରେ ପୀଡିତ ହେବାରୁ ବହୁ ଅସୁବିଧା ଭୋଗୁଛନ୍ତି । ପ୍ରଶ୍ନ ଦିଗାଲଙ୍କୁ ୨୮ ବର୍ଷ ହେଉଥିବା ବେଳେ ତାଙ୍କର ଗୋଡ଼ ହାତ ବିନ୍ଧିବା ସହ କଥୋପକଥନ ମଧ ବନ୍ଦ ହେଇଯାଇଥିଲା । ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ କିନ୍ତୁ ଚିକିତ୍ସା ଅସମ୍ଭବ କାରଣରୁ ଡାକ୍ତର ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ସ୍ୱାମୀର ଚିକିତ୍ସା ପାଇଁ ଆବଶ୍ୟକ ଟଙ୍କା ପାଇଁ ଜମିବାଡ଼ି ଯାହା ଥିଲା ବିକା ବିକି କରି ଚିକିତ୍ସା କରାଇଥିଲେ । ବର୍ତ୍ତମାନ ସ୍ୱାମୀର ଚିକିତ୍ସା ପାଇଁ ଏବେ ଅର୍ଥ ଅଭାବରୁ ପରିବାର ଯାହା ରୋଜଗାର ହେଉଛି ଖାଇବା ପାଇଁ ଅଣ୍ଟୁ ନାହିଁ । ଅନ୍ୟ ପଟେ ସ୍ୱାମୀର ଚିକିତ୍ସା କରିବା ମଧ ସମ୍ଭବ ହୋଇପାରୁନାହିଁ । ଯାହା ଲାଗି ବର୍ତ୍ତମାନ ନିଜ ଭାଗ୍ୟକୁ ଆଦରି ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି ସ୍ତ୍ରୀ ଜାନକୀ । ଜାନକୀ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ପରିବାର ଚଳିବା ଓ ସ୍ୱାମୀର ଚିକିତ୍ସା ପାଇଁ ଜାନକୀଙ୍କ ପରିବାର ସହ ଗ୍ରାମବାସୀ ସରକାରଙ୍କୁ ନିବେଦନ କରିଛନ୍ତି ।

# ଘରୋଇ ଯୋଗାଣ ପାଇପ୍‌ରେ ଗୋଳିପାଣି: କୂଅ ନଳକୂଅ ପାଖରେ ଭିଡ଼ : ଥଣ୍ଡା କାଶ ଜ୍ୱର ବୃଦ୍ଧି ପାଉଛି

ବାଲିଗୁଡ଼ା, : କନ୍ଧମାଳ ଜିଲ୍ଲା ବାଲିଗୁଡା ଏନଏସି ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳ ଯୋଗାଣ କରାଯାଉଛି କ୍ଷ କିନ୍ତୁ ବର୍ତ୍ତମାନ କିଛି ଦିନ ହେଲା ଗୋଳି ପାଣି ଆସୁଥିବାରୁ ଏହା ବ୍ୟବହାର ହୋଇ ପାରୁ ନାହିଁ । ଯାହା ଫଳରେ ସାହି ବାସିନ୍ଦା ବାଧ ହୋଇ କୂଅ ଓ ନଳକୂପ ଉପରେ ଭରସା କରୁଛନ୍ତି । ଏହି ଗୋଳିଆ ପାଣି ପାନ କରି ୱାର୍ଡ଼ ବାସିନ୍ଦା ମାନେ ଥଣ୍ଡା,କାଶ, ଜ୍ୱର ଭଳି ବିଭିନ୍ନ ପ୍ରକାର ସଂକ୍ରମକ ରୋଗରେ ଆକ୍ରାନ୍ତ ହେଉଛନ୍ତି କ୍ଷ ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ରହିଛି ୧୩ଟି ୱାର୍ଡ । ସମସ୍ତ ୱାର୍ଡ଼ରେ ଥିବା ପାଇପ୍ ?ରେ ଆସୁଛି ଗୋଳି ପାଣି । କାଦୁଅ ପାଣି ଭଳି ଭଳି ଦେଖା ଯାଉଥିବା ବେଳେ ଏହା ଆଦୌ ବ୍ୟବହାର କରାଯାଇ ପାରୁ ନାହିଁ ।ଏହି ଯୋଗାଣ ପାଣି ଆସିବା ନେଇ ଜନସାଧାରଣ ଖୁସିରେ ପାଣି ସଂଗ୍ରହ କରିବା ବେଳକୁ ଗୋଳିଆ ପାଣି ଦେଖି ମନ ଫିକା ପଡିବା ସହ ଅସନ୍ତୋଷ ଦେଖାଦେଉଛି । ଏ ନେଇ ୱାର୍ଡ଼ ବାସିନ୍ଦା ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି କୂଅ, ନଳକୂଅ ପାଣି ଆଣି ବ୍ୟବହାର କରୁଛନ୍ତି । ଗୋଳିପାଣି ବ୍ୟବହାର କରିବା ଦ୍ୱାରା କାଛୁ କୁଣ୍ଡିଆ



ଭଳି ବିଭିନ୍ନ ସଂକ୍ରମକ ରୋଗ ହେବା ଆଶଙ୍କା ରହିଥିବା କୁହାଯାଉଛି । ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ଏ.ଚକ୍ରଧରଙ୍କୁ ପଚାରିବାରୁ ସେ ବର୍ଷା ଦିନ ଯୋଗୁଁ ନଦୀରେ ଗୋଳି ପାଣି ଆସୁଛି । କେମିକାଲ ମିଶାଇ ଗୋଳି କଟାଯାଉଛି । ତଥାପି କାହିଁକି ଗୋଳି ପାଣି ଯୋଗାଣ ହେଉଛି ଏନେଇ ଅନୁଧ୍ୟାନ କରିବା ସହ ଅତିଶୀଘ୍ର ସଫା ପାଣି ଦେବାକୁ ଆମର ଚେଷ୍ଟା ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି ।




# ବାଂଲାଦେଶ ଅସ୍ଥିରତା ଓଡ଼ିଶାରେ ହାଇ ଆଲର୍ଟ

କଟକ, : ପଡୋଶୀ ବାଂଲାଦେଶରେ ବର୍ତମାନ ଅଶାନ୍ତ ରହିଥିଲା ବେଳେ ସେଠାରୁ ଲୋକେ ଦେଶଛାଡ଼ି ଅନ୍ୟତ୍ର ଯିବାକୁ ଉଦ୍ୟମ କରୁଛନ୍ତି । ଭାରତ ସବୁଠାରୁ ନିକଟବର୍ତୀ ସୁରକ୍ଷିତ ସ୍ଥାନ ହୋଇଥବାରୁ ସମସ୍ତେ ଭାରତ ଆସିବାକୁ ଚେଷ୍ଟା ଚଳାଇଛନ୍ତି । ଗତ ଦୁଇ ଦିନ ମଧରେ ଦୁଇ ଦେଶର ସୀମାର ଅନେକ ସ୍ଥାନରେ ଅନେକ ଅନୁପ୍ରବେଶ ରୋକିଲାଣି ସେନା । ଏହି କ୍ରମରେ ଓଡ଼ିଶାରେ ବିଶାଳ ସମୁଦ୍ର ତଟ ରହିଛି । ବୋଟ୍ ? ଯୋଗେ ବାଂଲାଦେଶୀମାନେ ଆସିବା ସମ୍ଭାବନା ଥିବାରୁ ପୋଲିସ ସତର୍କ ହୋଇଯାଇଛି । ଏଥିପାଇଁ ପାଟ୍ରୋଲିଂ ବଢ଼ାଇବାକୁ ୧୮ଟି ସାମୁଦ୍ରିକ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାକୁ ବିଶେଷ ଭାବେ ଆଲର୍ଟ



କରାଯାଇଛି । ସମୁଦ୍ରରେ ୫ ନଟିକାଲ ମାଇଲ୍ ? ପର୍ଯ୍ୟନ୍ତ ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବେଳେ ସବୁ ସାମୁଦ୍ରିକ ଥାନାକୁ ଅଧିକ ଷ୍ଟାଫ୍ ? ଓ ସହଯୋଗ ଯୋଗାଇ ଦିଆଯାଇଛି । ଏଥିପାଇଁ ତିନି ଥାକିଆ ସୁରକ୍ଷା ବ୍ୟବସ୍ଥା ହୋଇଥିବା ବେଳେ କଡ଼ା ନଜର ରଖାଯାଇଛି ବୋଲି ଡିଜିପି ଅରୁଣ ଷଡ଼ଙ୍ଗୀ କହିଛନ୍ତି ।

# Remembering Padma Shri Kamala Pujari: The Agricultural Icon of Koraput



Nihar Ranjan Acharya

Padma Shri Kamala Pujari, the legendary agriculturalist from the tribal heartland of Koraput, Odisha, passed away recently, leaving behind a legacy that will continue to inspire generations to come. Her life and work stand as a testament to the power of indigenous knowledge, resilience, and the profound impact one individual can have on their community and beyond. As a pioneering figure in the conservation of traditional crop varieties and sustainable farming practices, Kamala Pujari's contributions have been instrumental in promoting food security and agricultural biodiversity in India.""Early Life and Inspiration""Kamala Pujari was born in the early 1940s in the remote Bada Putanda village of Koraput district, Odisha. Belonging to the Paraja tribe, one of the many indigenous communities in the region, she grew up in an environment deeply connected to nature and agriculture. From a young age, Kamala was involved in farming activities alongside her family, learning the traditional methods of cultivation that had been passed down through generations. This early exposure to farming ignited a lifelong passion for agriculture and a commitment to preserving the rich biodiversity of her homeland.

Despite her lack of formal education, Kamala Pujari possessed a deep understanding of the land and its needs. She recognized the importance of traditional seed varieties, which were being rapidly replaced by hybrid and genetically modified seeds, and understood the threats posed by these modern practices to the environment, food security, and the livelihoods of small farmers.

Contributions to Agriculture and Biodiversity

Kamala Pujari's most significant contribution lies in her tireless efforts to conserve and promote indigenous seed varieties. Over the years, she successfully revived several traditional varieties of rice, including the highly nutritious and drought-resistant Kalajeera, Machhakanta, and Ganjei, among others. Her work involved not just cultivating these seeds but also advocating for their use among local farmers, emphasizing the benefits of these native crops over modern hybrids.""In a time when the Green Revolution was pushing for high-yielding varieties, Kamala Pujari stood as a beacon for sustainable agriculture. She understood that while modern seeds might promise higher yields, they often required chemical fertilizers and pesticides, leading to soil degradation and a loss of biodiversity. Her advocacy for organic farming and the use of indigenous seeds was rooted in a holistic understanding of agriculture—one that respected the environment and ensured long-term food security.

Kamala Pujari's work did not go unnoticed. Her efforts to conserve traditional crop varieties and promote sustainable farming earned her recognition at both the state and national levels. She became a symbol of the grassroots movement for agricultural biodiversity, representing the voices of indigenous farmers who were often overlooked in the national discourse on agriculture.""Recognition



and Honors""In 2019, Kamala Pujari was awarded the Padma Shri, one of India's highest civilian honors, in recognition of her outstanding contributions to agriculture. This accolade brought her work into the national spotlight, highlighting the importance of traditional knowledge and the need to preserve indigenous agricultural practices. The award was not just a personal achievement for Kamala Pujari but also a recognition of the invaluable role that tribal communities play in conserving biodiversity and promoting sustainable development. Despite the recognition, Kamala Pujari remained a humble and grounded individual. She continued to live in her village, working alongside her fellow farmers and sharing her knowledge with anyone willing to learn. Her life was a true reflection of her belief in the power of community and the importance of staying connected to one's roots.""Legacy and Impact""Kamala Pujari's legacy extends far beyond her contributions to agriculture. She was a symbol of resilience, determination, and the power of grassroots activism. Through her work, she demonstrated that traditional knowledge is not just a relic of the past but a vital resource for building a sustainable future. Her efforts have inspired countless others to take up the cause of agricultural conservation, leading to a renewed interest in indigenous seed varieties and organic farming practices.

The impact of Kamala Pujari's work is particularly evident in the Koraput region, where she helped transform the agricultural landscape. Thanks to her efforts, many farmers in the area have returned to using traditional seeds and organic farming methods, resulting in improved soil health, greater crop diversity, and enhanced food security. Her work has also contributed to the conservation of the unique agro-biodiversity of the Eastern Ghats, a region that is now recognized as a Global Agricultural Heritage site by the Food and Agriculture Organization (FAO).""Conclusion""Padma Shri Kamala Pujari's passing marks the end of an era, but her legacy will continue to live on in the fields of Koraput and in the hearts of those she inspired. Her life was a testament to the power of indigenous knowledge, the importance of preserving our natural heritage, and the impact that one dedicated individual can have on their community and the world. As we remember her, we are reminded of the need to protect and promote the traditional practices that sustain our environment and our societies. Kamala Pujari's work has shown us that the path to sustainable development lies not in abandoning our roots but in nurturing and celebrating them.

*Founder and Working Director, TRUST - a Science and Environment Lover Organization*
*Ph.8249775817*
*E-mail: nihar.acharya@rediffmail.com*

# Kualmani Biswal's Art Exhibition "PRATIBIMB" Concludes

New Delhi, : Ace administrator Kulamani Biswal's solo art exhibition entitled "Pratibimb" attained astounding success in the art circle of National Capital. The Five days long exhibition at Open Palm Court Gallery in India Habitat Centre witnessed foot fallings of hundreds of eminent figures from Corporate, Bureaucracy and art world. Around 40 selected paintings of Shri Biswal based on themes like apostle of peace Gautam Buddha,highest temple of justice Supreme Court, supreme personality Mahatama Gandhi, Human facets of PM Narendra Modi, splendid landscapes and elegancy of womanhood were displayed in the exhibition. Both the discriminat-



ing culture critics and common art lovers of New delhi highly appreciated the creative genius and immaculate art works of Shri Biswal. Attending as Chief Guest during the closing ceremony of the exhibition Former Chief information Commissioner of India Satyananda Mishra described the paintings of Shri Biswal as magnificent and mesmerising. The Guests of Honour of the concluding evening like senior Bureaucrat S.N.Tripathy, DG of competition commission of India Anshuman Patnaik, ICICI Bank's Government Business Head Mayank Bhargava and IREDA's Director Finance Bijay Mohanty complemented Shri Biswal for his awesome achievements as a painter. Other distinguished dignitaries,who attended the exhibition in other days include Former CMD of NTPC Arup Roy Chowdhury, Chairman of Coal India Limited P.M.Prasad, General Manager of NLC Ratna Chaudhary, Executive Director of NTPC Aditya Dhar, Former CGM of NTPC Shri Ratnesh and Former CGM of NTPC Alka Sehgal. Commenting to Media on the popularity of the exhibition, shri Biswal expressed his gratitude to the art promoters and his well wishers. The exhibition was hosted on a noble mission, he informed. The proceeds out of the sale of the paintings will be utilised for the development of the school he has adopted in his village and to grant scholarships to the poor meritorious students in that school, Shri Biswal declared. Prominent personalities attended the Five days long Mega Event include Shri Biswal's wife Minati Biswal, Chairman, World Odisha Society Kishore Dwibedi, Director, Odia Mahamanch Gobardhan Dhal, Senior Administrator Debendra Majhi, Narendra Kumar Bar, WOS's Women's Wing Vice President Reeta Patra, Cultural General Secretary Kaveri Behera, Saroj Panigrahi, Laxmipriya Ojha, Shivaji Patra and Biswajit Barik.

# କନ୍ଧମାଳରେ ପୁଣି ଦୋଳାରେ ବୁହାହେଲା ରୋଗୀ



ବାଲିଗୁଡା : ଦୁଇ ତିନି ଦିନ ହେବ ଦେହ ଖରାପ ହେଲାଣି । ଯନ୍ତ୍ରଣା ସହି ହେଉନି, କି କାହାକୁ କହି ହେଉନି ଡାକ୍ତରଖାନା ଯିବେ କେମିତି ଗାଁକୁ ରାସ୍ତା ଥିଲେ ତ । ଯେ ପର୍ଯ୍ୟନ୍ତ ଦେହ ଯନ୍ତ୍ରଣା ସମ୍ଭାଳିପାରିଲା ସେ ପର୍ଯ୍ୟନ୍ତ ସମ୍ଭାଳିନେଲେ । କିନ୍ତୁ ଯେତେବେଳେ ଯନ୍ତ୍ରଣା ଅସମ୍ଭାଳ ହେଲା ସେତେବେଳେ ଭାରାବାଡ଼ିରେ ବୁହା ହେଲେ ଡାକ୍ତରଖାନା ।ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଗାଁରେ ।ସୂଚନା ଅନୁଯାୟୀ, କୁବେରିମୁଣ୍ଡା ଗାଁର ଜଣେ ମହିଳା ଅନନ୍ତି ପ୍ରଧାନ ଙ୍କ ଦେହ ଖରାପ ଥିଲା । ଶରୀରରେ ପ୍ରବଳ ଯନ୍ତ୍ରଣା ହୋଇଥିଲା । ହେଲେ ଗାଁକୁ ରାସ୍ତା ନଥିବାରୁ ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା । ଅନ୍ୟ ଉପାୟ ନପାଇ ଗାଁ ଲୋକେ ଆନନ୍ତିଙ୍କୁ ଭାରାରେ ବୋହି ୩ କିଲୋମିଟର ବହିକି ଆଣି ବାଲିଗୁଡା ଡାକ୍ତରଖାନାକୁ ଆଣିଥିଲେ । ଏ କେବଳ ଆନନ୍ତିଙ୍କ ଦୁଃଖ କାହାଣୀ ନୁହଁ ।୨୦ରୁ ଉର୍ଦ୍ଧ ପରିବାର ନିଜ ଦେହକୁ ଏମିତି ଯନ୍ତ୍ରଣା ଦେଉଛନ୍ତି । କାରଣ ତାଙ୍କ ଗାଁକୁ ଭଲ ରାସ୍ତା ନାହିଁ । ରାସ୍ତା ନଥିବା କାରଣରୁ ଗାଁକୁ ଆମ୍ବୁଲାନ୍ସ ଆସିପାରିବନି ତେଣୁ ନିଜ ଦେହ ଖରାପ କଥା ପଡ଼ିଲେ ସେମାନେ ଅସହାୟ ହୋଇପଡ଼ନ୍ତି ।

# ବିଶ୍ୱ ଆଦିବାସୀ ଦିବସରେ ପୁଣି ଦାବି ଦୋହରାଇଲେ ବିଜେଡି ସୁପ୍ରିମୋ

ଭୁବନେଶ୍ୱର : ପୁଣି ଆଦିବାସୀଙ୍କ ସ୍ୱାର୍ଥରେ ବାହାରିଲେ ନବୀନ । ଶଙ୍ଖ ଭବନରେ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ହୋ, ମୁଣ୍ଡାରୀ, ଭୂମିଜ, ସଉରା ପରି ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ମାନ୍ୟତା ମିଳୁ ବୋଲି ବିଜେଡି ସୁପ୍ରିମୋ ପୁଣି ଦାବି କରିଛନ୍ତି । କହିଛନ୍ତି, ଆଦିବାସୀଙ୍କ ଶିକ୍ଷା, ଜୀନ ଜୀବିକା ସଶକ୍ତ କରିବା ପାଇଁ ଏହା ନିହାତି ଜରୁରୀ । ସେହିପରି ୧୬୯ ଗୋଷ୍ଠୀଙ୍କୁ ମଧ୍ୟ ମାନ୍ୟତା ମିଳୁ ବୋଲି ନବୀନ ଦାବି ଦୋହରାଇଛନ୍ତି । ଓଡ଼ିଶାରେ ୬୪ ଆଦିବାସୀ ଜନଜାତି ଓ ୧୩ ଆଦିମ ଜନଜାତି ଅଛନ୍ତି । ବିଜେଡି ସରକାର ଅମଳରେ ଆଦିବାସୀଙ୍କ ପାଇଁ ଅନେକ ଯୋଜନା କରାଯାଇଥିଲା । ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ କରାଯାଇଥିଲା । ସେହିପରି ଆଦିବାସୀ ପୂଜ୍ୟପୂଜାଙ୍କୁ ସମ୍ମାନିତ କରାଯାଇଥିଲା । ତାର ଉଦାହରଣ ହେଉଛି କୋରାପୁଟ, କଳାହାଣ୍ଡି, ବାରିପଦା ମେଡିକାଲ କଲେଜର ନାମକରଣ । କୋରାପୁଟ ମେଡିକାଲ କଲେଜକୁ ସହିଦ ଲକ୍ଷ୍ମଣ ନାୟକଙ୍କ ନାମରେ ନାମିତ କରାଯାଇଥିଲାବେଳେ କଳାହାଣ୍ଡି ମେଡିକାଲ କଲେଜକୁ ସହିଜ ରେଣ୍ଡୋ ମାଝୀଙ୍କ ନାମରେ ନାମିତ କରାଯାଇଥିଲା । ସେହିପରି ବାରିପଦା ମେଡିକାଲ କଲେଜକୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ନାମିତ କରାଯାଇଥିଲା । ବିର୍ସା ମୁଣ୍ଡାଙ୍କ ନାମରେ ରାଉରକେଲାରେ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ ନିର୍ମାଣ କରାଯାଇଛି । ଜଙ୍ଗଲ ଜମି ଅଧିକାର ହେଉ କିମ୍ବା ଶିକ୍ଷାର ପ୍ରସାର ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିପାରିଥିଲା ବିଜେଡି । ତେଣୁ ଆଦିବାସୀ ଭାଇଭଉଣୀଙ୍କ ବିକାଶ ପାଇଁ ସରକାର ଆଗକୁ ମଧ୍ୟ ଯୋଜନା ଜାରି ରଖନ୍ତୁ । ଆଦିବାସୀଙ୍କ ସହ ବିଜେଡି ସବୁବେଳେ ରହିଆସିଛି ଓ ରହିବ ବୋଲି ବୋଲି କହିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ।




# ଖରିଫ୍ ଋତୁ ୨୦୨୪ ନିମନ୍ତେ ଜିଲ୍ଲା କୃଷି କମିଟି ବୈଠକ

ଜଗତସିଂହପୁର : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଖରିଫ୍ ଋତୁ ୨୦୨୪ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧକ୍ଷତା କରି ଭାରପ୍ରାପ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ କହିଲେ ଜଗତସିଂହପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ।ଚାଷୀ ମାନଙ୍କ ନିମନ୍ତେ ସରକାର ବହୁତ୍ ଯୋଜନା କରିଛନ୍ତି । କୃଷକ ମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀ ମାନେ ଯନ୍ବାନ ହେବା ଆବଶ୍ୟକ । ଜିଲ୍ଲାରେ ଏହିସବୁ ଯୋଜନା ଗୁଡିକୁ ବିଭିନ୍ନ କୃଷକ ସମ୍ପର୍କ ମେଳା, କୃଷି ସଚେତନତା କାର୍ଯ୍ୟକ୍ରମ ଆଦି ଜରିଆରେ ହିତାଧିକାରୀ ମାନଙ୍କ ପାଖରେ ପହଞ୍ଚାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଅର୍ଗାନିକ ଫାର୍ମିଂ, ଫାର୍ମ ପଣ୍ଡର ସଦୁପଯୋଗ କରିବା ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ କହିଥିଲେ । ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ହୋଇଥିବାରୁ ପ୍ରତିବର୍ଷ ବନ୍ୟା ଓ ବାତ୍ୟାର ଆଶଙ୍କା ରହୁଛି । ତଳିଆ ଅଞ୍ଚଳରେ ପାଣି ଜମି ରହିବା କାରଣରୁ ଫସଲ କ୍ଷତି ହେବାର ଆଶଙ୍କା ରହୁଛି । ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସି ଏମ୍ କିଷାନ ଯୋଜନା,ପି ଏମ୍ କେ ଓ୍ୱାଇ ଯୋଜନାରେ ଜିଲ୍ଲାର ଅଧିକରୁ ଅଧିକ ଚାଷୀ ଯେପରି ନିଜ ନିଜର ନାମ ପଞ୍ଜିକରଣ କରିବେ ସେଥିପ୍ରତି ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ,ଏବଂ ସମବାୟ ବିଭାଗ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଭାରପ୍ରାପ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ଚାଷୀ ମାନଙ୍କୁ ଠିକ୍ ସମୟରେ ବିହନ ସାର ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସମସ୍ତ ଯୋଜନା ଓ ସବସିଡି ବାବଦରେ କୃଷି ଅଧିକାରୀ ମାନେ ପଞ୍ଚାୟତ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର ସହିତ ଚାଷୀମାନଙ୍କୁ ସଚେତନ କରିବାକୁ ଭାରପ୍ରାପ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ । ବୈଠକରେ ପୂର୍ବ ବୈଠକର ବିବରଣୀକୁ ଦୃଢ଼ୀକରଣ କରାଯାଇଥିଲା । ରବି ଋତୁରେ ୮୬୦୯୧ ଜମିରେ ହାଇବ୍ରିଡ ଧାନ, ମକା, ମୁଗ, ବିରି, କୋଳଥ, ମଟର,ବାଦାମ,ରାଶି ଆଦି ଚାଷ କରାଯାଇଥିଲା । ମୋଟ୍ ୬୫୧୮୯ ହେକ୍ଟର ଜମିରେ ଡାଲିଯାତୀୟ ଫସଲ କରାଯାଇଥିଲା । ଏତଦ୍ ବ୍ୟତୀତ ସୂର୍ଯ୍ୟମୁଖୀ,ଆଳୁ , ପିଆଜ, ଅନ୍ୟାନ୍ୟ ପନିପରିବା, ଲଙ୍କା, ରସୁଣ,ଧନିଆ, ଆଖୁଚାଷ ହୋଇଥିଲା । ଚଳିତ ଖରିଫ ଋତୁରେ ସମସ୍ତ



ଫସଲକୁ ମିଶାଇ ମୋଟ ୧୦୪୭୩୪ ହେକ୍ଟର ଜମିରେ କୃଷିକାର୍ଯ୍ୟ ନିର୍ଦ୍ଧାରଣ କରାଯାଇଛି । ସେଥିମଧ୍ୟରୁ ୮୫୪୧୦ ହେକ୍ଟରରେ ଖାଦ୍ୟଶସ୍ୟ, ୮୧୦ହେକ୍ଟରରେ ଡାଲି ଜାତୀୟ ଫସଲ ,୧୫୯୨୪ ହେକ୍ଟର ରେ ପନିପରିବା,୧୮୫୫ ହେକ୍ଟରରେ ମସଲା ଜାତୀୟ ଫସଲ, ୫୦ ହେକ୍ଟର ସବୁଜ ଗୋଖାଦ୍ୟ , ୫୯୫ ହେକ୍ଟର ରେ ଆଖୁ ଚାଷ ନିମନ୍ତେ ଲକ୍ଷ ଧାର୍ଯ୍ୟ ରହିଛି । ତାଳଦଣ୍ଡା,ମାଛଗାଁ, ମହାନଦୀ ବ୍ୟାରେଜ୍ ଡିଭିଜନ, ଉଠା ଜଳସେଚନ ପଏଣ୍ଟ, ନଳକୂପ ମାଧ୍ୟମରେ ୮୩୫୨୦ ହେକ୍ଟର ଜମିରେ ଜଳସେଚନର ସୁବିଧା ରହିଛି । ୫୧୦୦ କ୍ୱିଣ୍ଟାଲ ଧାନ ବିହନ,୩୫୦ କ୍ୱିଣ୍ଟାଲ ଧଣୀଚା ମଞ୍ଜି,୪୫୦ କ୍ୱିଣ୍ଟାଲ ବିରି,୧୦କ୍ୱିଣ୍ଟାଲ ହରଡ, ୮.୪୦ କ୍ୱିଣ୍ଟାଲ ମିଲେଟ ମଞ୍ଜି ପାଇଁ ଇଣ୍ଡେଣ୍ଟ ଦିଆଯାଇଛି । ସେଥିମଧ୍ୟରୁ ୪୦୦୦କ୍ୱିଣ୍ଟାଲ ଧାନର ଲକ୍ଷ୍ୟ ହାସଲ ହୋଇସାରିଛି । ଜିଲ୍ଲାର ଚାଷୀ ମାନଙ୍କୁ ସମବାୟ ଓ ବିଭିନ୍ନ ବ୍ୟାଙ୍କ୍ ଜରିଆରେ ୧,୬୧,୦୧୨.୭୬ ଲକ୍ଷ ଋଣ ଟଙ୍କା ପ୍ରଦାନ କରାଯିବାର ଧାର୍ଯ୍ୟ ଲକ୍ଷ ରହିଛି । ଖସଡ଼ା ଧାନ ଚାଷ , ଇଣ୍ଟିଗ୍ରେଟେଡ୍ ମାଇକ୍ରୋନିଉଟ୍ରିଏଣ୍ଟ ପରିଚାଳନା, ସିଡ ଭିଲେଜ ପ୍ରୋଗ୍ରାମ,ଇ - ପେଷ୍ଟ , ସରଭେଲାନ୍ସ ମାଧ୍ୟମରେ କୀଟ ଦମନ ,ଜୈବସାର, ଭର୍ମିକମ୍ପୋଷ୍ଟ,ମିଲେଟ ମିଶନ,ଟ୍ରାକ୍ଟର ସାହାଯ୍ୟରେ ମଞ୍ଜି ବୁଣା ବ୍ୟବହାର ଉପରେ ପ୍ରାଧାନ୍ୟ ଦିଆଯାଇଛି ।ଏବର୍ଷ ୬.୪୦ କ୍ୱିଣ୍ଟାଲ ମାଣ୍ଡିଆ ବିହନ ଦିଆ ଯାଇଛି । ଚାଷୀ ମାନଙ୍କୁ ୯୯୫୫ କିଲୋଏନ୍ ପି କେ ସାର ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ପ୍ୟାକ୍ସରେ ଅଧିକ ଚାଷୀଙ୍କୁ ପଞ୍ଜୀକୃତ କରାଯିବାର ପ୍ରସ୍ତାବ ରଖାଯାଇଥିଲା । ବୈଠକରେ ବିହନ ଯୋଗାଣ, ରାସାୟନିକ ସାର,ଫସଲ ସୁରକ୍ଷା, ମୃର୍ତିକା ପରୀକ୍ଷଣ, ସୌର ଜଳବିଧି, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଡି ଡି ଏମ ନାବାର୍ଡ ବିଶ୍ୱଭୂଷଣ ମହାନ୍ତି, ଅଗ୍ରଣୀ ବ୍ୟାଙ୍କ୍ ମ୍ୟାନେଜର, କେ ଭି କେ ବୈଜ୍ଞାନିକ ପ୍ରଦୀପ୍ତ ମାଝୀ,ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି, ଅନିଲ କୁମାର ସେଠୀ ,ମୃତ୍ତିକା ସଂରକ୍ଷଣ ଅଧିକାରୀ,କୃଷି ଜିଲ୍ଲା ଅଧିକାରୀ, ତିର୍ତ୍ତୋଲ ସୌଭାଗ୍ୟ କୁମାର ମହାନ୍ତି , କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜିତ ପଣ୍ଡା , ବ୍ଲକ କୃଷି ଅଧିକାରୀ ପ୍ରଭାସ କୁମାର ପଣ୍ଡା, ସହକାରୀ କୃଷି ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶା ସମେତ ୯ ରାଜ୍ୟର ୧୨ ରାଜ୍ୟସଭା ଆସନ ପାଇଁ ୩ରେ ଭୋଟ

ନୂଆଦିଲ୍ଲୀ, : ଦେଶର ୯ଟି ରାଜ୍ୟର ୧୨ଟି ରାଜ୍ୟସଭା ଆସନରେ ସେପ୍ଟେମ୍ବର ୩ରେ ଉପନିର୍ବାଚନ ହେବା ସମ୍ପର୍କରେ ନିର୍ବାଚନ ଆୟୋଗ ଘୋଷଣା କରିଛନ୍ତି । ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଆସାମ, ତ୍ରିପୁରା, ହରିୟାଣା ରାଜସ୍ଥାନ, ବିହାର, ତେଲେଙ୍ଗାନା ଏବଂ ଓଡିଶା ଆଦି ୯ ରାଜ୍ୟର ୧୨ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ କରାଯିବ । ସେଥି ମଧ୍ୟରେ ମହାରାଷ୍ଟ୍ରର ୨ ଟି ଆସନ ଆସାମର ୨, ବିହାରର ୨ ତଥା ହରିୟାଣା, ରାଜସ୍ଥାନ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଓଡିଶା ଏବଂ



ତ୍ରିପୁରାର ଗୋଟିଏ ଲେଖାଏଁ ଖାଲି ପଡ଼ିଥିବା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ । ମମତା ମହାନ୍ତଙ୍କ ଇସ୍ତଫା ପରେ ଓଡ଼ିଶାର ଗୋଟିଏ ଆସନ ଖାଲି ପଡ଼ିଛି । ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଉପନିର୍ବାଚନ ପାଇଁ ୧୪ ଅଗଷ୍ଟରେ ବିଜ୍ଞପ୍ତି ଜାରି କରାଯିବ । ନାମାଙ୍କନ ପତ୍ର ଦାଖଲର ଅନ୍ତିମ ତାରିଖ ଅଗଷ୍ଟ ୨୧ ରହିଛି । ସେହିପରି ଅଗଷ୍ଟ ୨୨ରେ ନାମାଙ୍କନ ପତ୍ରର ଯାଞ୍ଚ କରାଯିବ । ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଅଗଷ୍ଟ ୨୭ ରହିଛି । ୩ ସେପଟ୍ଟେମ୍ବରରେ ମତଦାନ ହେବ ଏବଂ ଫଳାଫଳ ସେହିଦିନ ଅର୍ଥାତ୍ ୩ ସେପଟ୍ଟେମ୍ବର ଅପରାହ୍ଣ ୫ଟା ପରେ ଘୋଷଣା କରାଯିବ । ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଆସାମ ଏବଂ ତ୍ରିପୁରା ପାଇଁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଅଗଷ୍ଟ ୨୬ ରହିଥିବା ବେଳେ ହରିୟାଣା ରାଜସ୍ଥାନ, ବିହାର, ତେଲେଙ୍ଗାନା ଏବଂ ଓଡିଶା ଅଗଷ୍ଟ ୨୭ ରହିଛି । ସେପଟ୍ଟେମ୍ବର ୩ରେ ପୂର୍ବାହ୍ଣ ୯ଟା ରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ ଏବଂ ଭୋଟ୍ ଗଣତି ଅପରାହ୍ଣ ୫ଟା ରୁ ହେବ ।

# ନିଟ୍-ପିଜି ପରୀକ୍ଷାକୁ ସ୍ଥଗିତ ରଖିବାକୁ ମନା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ରବିବାର ହେବାକୁ ଥିବା ନିଟ୍-ପିଜି ପରୀକ୍ଷାକୁ ସ୍ଥଗିତ ରଖିବାକୁ ଆଜି ମନା କରି ଦେଇଛନ୍ତି ସୁପ୍ରିମକୋର୍ଟ। ଏ ନେଇ ହୋଇଥିବା ଆବେଦନକୁ ଖାରଜ କରି ସୁପ୍ରିମକୋର୍ଟ ଏହି ପରୀକ୍ଷାକୁ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେବାକୁ ମନା କରି ଦେଇଛନ୍ତି। ନିଟ୍-ପିଜି ପରୀକ୍ଷା ଜୁନ୍ ୨୩ ତାରିଖରେ ହେବାର ଥିଲା। ତେବେ ନିଟ୍-ପିଜି ପରୀକ୍ଷା ବିବାଦକୁ ନେଇ ଏହାକୁ ସ୍ଥଗିତ ରଖାଯାଇଥିଲା। ଏହାକୁ ପୁଣି ଥରେ ସ୍ଥଗିତ ରଖିବାକୁ ଆବେଦନ କରିଥିବା କିଛି ଶିକ୍ଷାର୍ଥୀ ଯେଉଁ ଯୁକ୍ତି ଦର୍ଶାଇଥିଲେ, ସେଥିରୁ ଗୋଟିଏ ହେଉଛି ପରୀକ୍ଷା ହେବାକୁ ଥିବା ସହର ଓ କେନ୍ଦ୍ର ସଂପର୍କରେ ଅଧିକ ଦିନ ପୂର୍ବରୁ ସୂଚନା ଦେବାର ଆବଶ୍ୟକତା ଥିଲା।



ସେମାନେ କହିଥିଲେ ଯେ ଏହି ପରୀକ୍ଷା ଦେବା ପାଇଁ ପ୍ରସ୍ତୁତି ଚଳାଇଥିବା ଆଶାୟୀଙ୍କ ମଧ୍ୟରୁ ଅନେକଙ୍କର ପରୀକ୍ଷା କେନ୍ଦ୍ର ଯେଉଁ ସହରଗୁଡ଼ିକରେ ପଡ଼ିଛି, ସେଠାରେ ପହଞ୍ଚିବାକୁ ସେମାନଙ୍କୁ କଷ୍ଟ ହେବ। କାହାର ପରୀକ୍ଷା କେନ୍ଦ୍ର କେଉଁଠାରେ ହେବ, ସେ ନେଇ ଜୁଲାଇ ୩୧ରେ ସୂଚନା ଦେଇଥିଲା ଏହି ପରୀକ୍ଷା ପରିଚାଳନା କରୁଥିବା ଏନ୍‌ବିଇଏମ୍‌ଏସ୍। ସେହିପରି ରବିବାର ପରୀକ୍ଷା ହେବାକୁ ଥିବା ବେଳେ ତା'ର ମାତ୍ର ଦୁଇ ଦିନ ପୂର୍ବରୁ ଅର୍ଥାତ୍ ଗୁରୁବାର ପରୀକ୍ଷାର୍ଥୀମାନଙ୍କୁ ସେମାନଙ୍କ ପରୀକ୍ଷାକେନ୍ଦ୍ର ସଂପର୍କରେ ସୂଚନା ଦିଆଯାଇଥିଲା। ଏତେ କମ୍ ସମୟ ମଧ୍ୟରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ଅସୁବିଧା ହେବାକୁ ଥିବାରୁ ପରୀକ୍ଷାକୁ ଘୁଞ୍ଚାଇ ଦେବାକୁ ସେମାନେ ଦାବି କରିଥିଲେ। ସେମାନେ ଆହୁରି ଯୁକ୍ତି କରିଥିଲେ ଯେ ଏହି ପରୀକ୍ଷା ଦୁଇଟି ସେସନରେ ହେବ। ତେବେ ମାର୍କର ସାମାନ୍ୟକରଣ ବା ନରମାଲାଇଜେସନ କେମିତି କରାଯିବ, ସେ ନେଇ ଏଯାବତ କୌଣସି ସୂତ୍ର କୁହାଯାଇ ନାହିଁ। ଅନ୍ୟପକ୍ଷରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ବେଞ୍ଚ ଏହାର ଶୁଣାଣି କରି କହିଥିଲେ ଯେ ଆଉ ଦୁଇ ଦିନ ପରେ ନିଟ୍-ପିଜି ପରୀକ୍ଷା ହେବାକୁ ଥିବା ବେଳେ ଏହାକୁ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ। ସୁପ୍ରିମକୋର୍ଟ କହିଥିଲେ ଯେ ଆମେ କିଭଳି ଏମିତି ଏକ ପରୀକ୍ଷାକୁ ସ୍ଥଗିତ ରଖିଦେବା। ଯଦି ଆବେଦନକୁ ଗ୍ରହଣ କରି ନିଆଯିବ, ତା'ହେଲେ ୨ ଲକ୍ଷ ଛାତ୍ରଛାତ୍ରୀ ଓ ୪ ଲକ୍ଷ ଅଭିଭାବକ ହନ୍ତସନ୍ତ ହେବେ। ୫ ଜଣ ଆବେଦନକାରୀଙ୍କ ପାଇଁ ଆମେ ୨ ଲକ୍ଷ ଶିକ୍ଷାର୍ଥୀଙ୍କ କ୍ୟାରିୟରକୁ ବିପଦ ମୁହଁକୁ ଠେଲି ଦେବା ଉଚିତ୍ ହେବ କି।

# ଡକାୟତି ପରେ ବୋମାମାଡ଼ ମାମଲାରେ ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

କନ୍ଧମାଳ, : ୨୦୧୨ ମସିହାରେ ସଂଗଠିତ ଏକ ଡକାୟତି ଏବଂ ବୋମାମାଡ଼ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଦୀର୍ଘ ୧୨ ବର୍ଷ ପରେ ଅତିରିକ୍ତ ଜିଲା ଜଜ୍ ୩ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅତିରିକ୍ତ ଜିଲା ଜଜ୍ ? ମୁନରାଣୀ ମିଶ୍ରଙ୍କ ଇଜିଲାସରେ ହୋଇଥିବା ଶୁଣାଣିରେ ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏହି ରାୟ ପ୍ରକାଶ କରାଯିବା ସହିତ ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦିଆଯାଇଛି। ଡକାୟତି ମାମଲାରେ ଅଭିଯୁକ୍ତମାନେ ଖଲାସ ହୋଇଥିଲେ ମଧ୍ୟ ବିସ୍ଫୋରକ ଦ୍ରବ୍ୟ ବ୍ୟବହାର ମାମଲାରେ ଏହି ଦଣ୍ଡାଦେଶ ଦିଆଯାଇଛି। ଜରିମାନା ଅନାଦେୟ



ଅଧିକ ୩ ମାସ କାରାଦଣ୍ଡାଦେଶ ପାଇଁ ମଧ୍ୟ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡାଦେଶ ପାଇଥିବା ୩ ଅଭିଯୁକ୍ତ ହେଲେ ଦଶପଲ୍ଲା ଥାନା ଅଞ୍ଚଳର ମୁସଲିମ୍ ସାହିର ମୁମତାଜ ଅଲ୍ଲୀ(୪୨), ଡିଳାବାଲି ଅଞ୍ଚଳର ଚନ୍ଦନେଶ୍ୱର ନାୟକ(୪୬) ଏବଂ ମର୍ଦ୍ଧାବାଡ଼ି ଅଞ୍ଚଳର ଶରତ ନାୟକ (୫୧)। ମାମଲା ବିବରଣୀରୁ ମିଳିଥିବା ସୂଚନା ଅନୁସାରେ, ୨୦୧୨ ମାର୍ଚ୍ଚ ୧୯ ତାରିଖ ଅପରାହ୍ନ ପ୍ରାୟ ୪ଟାରେ ସଦରଥାନା ଅନ୍ତର୍ଗତ ଜକ୍କେଜୁ ଗ୍ରାମରେ ୩ ଅଭିଯୁକ୍ତ ସମେତ ଅନ୍ୟ ୪ ଜଣ ଏକ ବୋଲେରୋ ଗାଡ଼ିରେ ଆସି ପଦ୍ମଚରଣ ଗଣ୍ଡା ନାମକ ଜଣେ ବ୍ୟକ୍ତିଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କଠାରୁ ସୁନା ଚେନ୍ ? ଓ ନଗଦ ୧୦ ଜହାର ଟଙ୍କା ଡ଼କାୟତି କରି ନେଇ ଚାଲିଯାଇଥିଲେ। ଯିବା ସମୟରେ ସେମାନେ ଗାଁ ଦାଣ୍ଡରେ ଦୁଇଟି ବୋମାମାଡ଼ କରିଥିଲେ। ଏଥିରେ ଗ୍ରାମର ତିନିଜଣ ଆହତ ହେବା ସହିତ ଅଭିଯୁକ୍ତ ଚନ୍ଦନେଶ୍ୱର ନାୟକର ମଧ୍ୟ ହାତ ପାପୁଲି ଛିଡ଼ି ଯାଇଥିଲା। ତୁରନ୍ତ ଗ୍ରାମବାସୀ ଏକତ୍ରିତ ହୋଇ ସମସ୍ତ ଅଭିଯୁକ୍ତମାନଙ୍କୁ ଘେରାଉ କରିବା ସହିତ ସେମାନଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଶିବ ପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରିଥିଲେ।




## ହାଇକୋର୍ଟରେ ପାଟଣାଗଡ଼ ନିର୍ବାଚନୀ ମାମଲା

# ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନଙ୍କୁ ନୋଟିସ୍

କଟକ: ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂହଦେଓଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରି ପରାଜିତ ବିଜେଡି ପ୍ରାର୍ଥୀ ସରୋଜ କୁମାର ମେହେର ଦାୟର କରିଥିବା ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ମାମଲାର ପ୍ରତିପକ୍ଷ ଶ୍ରୀ ସିଂହଦେଓଙ୍କୁ ନୋଟିସ୍ ଜାରି କରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ ଦାଖଲ କରିବାକୁ ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆଜି ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଶ୍ରୀ ସିଂହଦେଓଙ୍କ ନାମାଙ୍କନ ଜନପ୍ରତିନିଧି ଆଇନ ଅନୁସାରେ ହୋଇନଥିଲା। ଶ୍ରୀ ସିଂହଦେଓ ନାମାଙ୍କନ ବେଳେ ଦାଖଲ କରିଥିବା ସତ୍ୟପାଠରେ ନିଜ ସ୍ଥାବର, ଅସ୍ଥାବର ସଂପତ୍ତିର ଠିକ ତଥ୍ୟ ଦେଇ ନଥିଲେ। ସଂପତ୍ତିର ବର୍ତ୍ତମାନର ମୂଲ୍ୟ ଉଲ୍ଲେଖ କରାଯାଇ ନଥିଲା। ଏଥି ସହିତ ତାଙ୍କ ବିରୋଧରେ ବିଚାରାଧୀନ ଥିବା ଫୌଜଦାରୀ ମାମଲା ସଂପର୍କିତ ସବିଶେଷ ତଥ୍ୟ ସତ୍ୟପାଠରେ ସେ ଉଲ୍ଲେଖ କରି ନାହାନ୍ତି। ଫୌ ?ଜଦାରୀ ମାମଲାଗୁଡ଼ିକର ସାନି ସ୍ଥିତି ନେଇ ମଧ୍ୟ ସତ୍ୟପାଠରେ ତଥ୍ୟ ନାହିଁ। ତାଙ୍କ ବ୍ୟାଙ୍କ ଖାତାରେ ଥିବା ଅର୍ଥ ଓ ଗତ ୫ ବର୍ଷର ଆୟକର ରିଟର୍ଣ୍ଣ ପ୍ରସଂଗରେ ଶ୍ରୀ ସିଂହଦେଓ ସତ୍ୟପାଠରେ ସବୁ ତଥ୍ୟ ଦେଇ ନାହାନ୍ତି ବୋଲି



ଆବେଦନକାରୀ ଅଭିଯୋଗ କରିଥିଲେ। ଏଭଳି ସ୍ଥିତିରେ ଶ୍ରୀ ସିଂହଦେଓଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଦର୍ଶାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ବିଜେପି ପ୍ରାର୍ଥୀ ଶ୍ରୀ ସିଂହଦେଓ ୯୩୮୨୩ ଖଣ୍ଡ ଭୋଟ ପାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ଶ୍ରୀ ମେହେର ୯୨୪୬୬ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ।

TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**
**ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**